
◆ Bhubaneswar, June 1-15, 2026
◆ ଭୁବନେଶ୍ୱର, ଜୁନ୍ ୧-୧୫, ୨୦୨୬
◆ Vol. -09 ◆ Issue -12
◆ ଭାଗ-୦୯ ◆ ସଂଖ୍ୟା-୧୨
◆ Rs. 2.00 /- ◆ Pages: 04
◆ ମୂଲ୍ୟ: ଟ୨.୦୦ ◆ପୃଷ୍ଠା ସଂଖ୍ୟା: ୦୪
◆ପାକ୍ଷିକ ◆FORTNIGHTLY

RNI Regd. No.: ODIODI/2017/74065
email: pratishabda7@gmail.com

# ପ୍ରତିଶବ୍ଦ
## The Pratishabda



ଓଡ଼ିଶାର ଗଣପର୍ବ ରଜ ଉପଲକ୍ଷେ "ପ୍ରତିଶବ୍ଦ" ତା'ର ସମସ୍ତ ପାଠକ/ପାଠିକା, ଲେଖକ/ଲେଖିକା, ବିଜ୍ଞାପନ ଦାତା, ଶୁଭେଚ୍ଛୁ ବନ୍ଧୁମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।




ସମ୍ପାଦିକା

# ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ : କିଏ ରହିବ, କିଏ ଯିବ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଆସନ୍ତା ମାସରେ ନିଜର ଦୁଇବର୍ଷ କାର୍ଯ୍ୟକାଳ ପୂରଣ କରିବାକୁ ଯାଉଥିବାବେଳେ ଖୁବଶୀଘ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବାର ସମ୍ଭାବନା ରହିଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ଉପରେ ମୋହର ମାରି ଯେକୌଣସି ମୁହୂର୍ତ୍ତରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଉଭୟ ଦିଲ୍ଲୀ ଗସ୍ତରେ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଓ ଅନ୍ୟ ବରିଷ୍ଠ ନେତାଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭେଟିଛନ୍ତି। ଯେଉଁଥିପାଇଁ ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଖୁବଶୀଘ୍ର ହେବ ବୋଲି ଚର୍ଚ୍ଚା ଜୋର ଧରିଛି।



ରାଜ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟରେ ଯେକୌଣସି ମୁହୂର୍ତ୍ତରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ। କେବଳ ମନ୍ତ୍ରିମଣ୍ଡଳର କଳେବର ବୃଦ୍ଧି ନୁହେଁ, ବରଂ ବିଭିନ୍ନ ନିଗମ ଓ ବୋର୍ଡର ଅଧ୍ୟକ୍ଷ ପଦବୀ ପାଇଁ ମଧ୍ୟ ଚୟନ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଦଳ ଓ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଯୋଗ୍ୟ ପ୍ରାର୍ଥୀଙ୍କ ନାମ ଉପରେ ବିଚାର ବିମର୍ଶ ଚାଲିଛି। ବିଶେଷକରି ଦୀର୍ଘ ଦିନ ଧରି ଆଶା ରଖିଥିବା ଓ ଦଳ ପାଇଁ ନିରନ୍ତର କାମ କରୁଥିବା ବରିଷ୍ଠ ନେତା ତଥା ବିଧାୟକମାନଙ୍କୁ ଏହି ସବୁ ସ୍ଥାନରେ ଖୁବଶୀଘ୍ର ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ତେବେ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ଏହି ବୟାନ ପରେ ସରକାରୀସ୍ତରରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି ବୋଲି ପ୍ରମାଣିତ ହୋଇଛି।ଅବଶ୍ୟ ରାଜ୍ୟ ସଭାପତି ମନମୋହନ ସାମଲ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ଉପରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଠିକ୍ ସମୟରେ ଦଳର ସଂସଦୀୟ ବୋର୍ଡ ନିଷ୍ପତ୍ତି ନେବ ।

ଆସନ୍ତା ଜୁନ୍ ୧୨ତାରିଖରେ ମୋହନ ମାଝୀଙ୍କ ନେତୃତ୍ୱାଧୀନ ରାଜ୍ୟର ପ୍ରଥମ ବିଜେପି ସରକାର ନିଜର ଦୁଇବର୍ଷ କାର୍ଯ୍ୟକାଳ ପୂରଣ କରିବ ।ମନ୍ତ୍ରିମଣ୍ଡଳରେ ଏବେବି ୬ଟି ମନ୍ତ୍ରୀ ପଦ ଖାଲି ରହିଛି। ଜଣେ ଜଣେ ମନ୍ତ୍ରୀଙ୍କୁ ୩ ରୁ ୪ଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ସମ୍ଭାଳିବାକୁ ପଡୁଥିବାରୁ ପ୍ରଶାସନିକ କାର୍ଯ୍ୟରେ ମନ୍ଥରତା ଦେଖାଦେଇଥିବା ଚର୍ଚ୍ଚା ହେଉଛି।

ଆଗକୁ ରାଜ୍ୟରେ ପଂଚାୟତ ଓ ପୌର ନିର୍ବାଚନ ଥିବାରୁ ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବା, ବିଭିନ୍ନ ଜିଲ୍ଲାସ୍ତରର ନେତା ଓ ଅସନ୍ତୁଷ୍ଟ ବିଧାୟକମାନଙ୍କୁ ସରକାରରେ ଉଚିତ୍ ସ୍ଥାନ ଦେଇ ତୁଷ୍ଟୀକରଣ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପ୍ରୟାସ କରୁଥିବା ଜଣାପଡିଛି। ବିଭିନ୍ନ କାରଣକୁ ନେଇ ବିଗତ ୬ମାସ ମଧ୍ୟରେ ସରକାରଙ୍କ ବିରୁଦ୍ଧରେ ସୃଷ୍ଟି ହୋଇଥିବା ଜନମତକୁ ପ୍ରଶମିତ କରିବା ଲକ୍ଷ୍ୟରେ ଏହି ମନ୍ତ୍ରିମଣ୍ଡଳ ଓ ନିଗମ-ବୋର୍ଡ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଥିବା ଜଣାପଡିଛି।

ଏହି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଓ ନିଗମ-ବୋର୍ଡ ନିଯୁକ୍ତିକୁ ନେଇ ଚର୍ଚ୍ଚା ମଧ୍ୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗତକାଲି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଓ ବିଜେପିର ବରିଷ୍ଠ ନେତାମାନଙ୍କୁ ସାକ୍ଷାତ କରିଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଦିଲ୍ଲୀରେ ରହିଛନ୍ତି। କେନ୍ଦ୍ରୀୟ ନେତୃତ୍ୱ ଏହି ସମ୍ପ୍ରସାରଣ ପାଇଁ ସବୁଜ ସଙ୍କେତ ଦେଇସାରିଥିବା ଚର୍ଚ୍ଚା ହେଉଛି। ମୁଖ୍ୟମନ୍ତ୍ରୀ କେବେ ଏହି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ଆନୁଷ୍ଠାନିକ ଘୋଷଣା କରିବେ ଓ କାହାକୁ ନିଜ ମନ୍ତ୍ରିମଣ୍ଡଳରେ ନେବେ ତାହା ଉପରେ ସମସ୍ତଙ୍କ ନଜର ରହିଛି। ତେବେ ବୋର୍ଡ-ନିଗମ ଅଧ୍ୟକ୍ଷ ପଦବୀରେ ନିଯୁକ୍ତି ଚଳିତ ସପ୍ତାହରେ ହେବ ବୋଲି ଦଳୀୟ ସୂତ୍ରରୁ ସୂଚନା ମିଳିଛି।

# ଓଡ଼ିଶା ହେବ ଦେଶର ଷ୍ଟିଲ୍ ରାଜଧାନୀ : ମୁଖ୍ୟମନ୍ତ୍ରୀ



**ଜଗତସିଂହପୁର**/ଭୁବନେଶ୍ୱର, : ଜଗତସିଂହପୁର ଜିଲ୍ଲା ଏରସମାର ଢିଙ୍କିଆ ଅଞ୍ଚଳରେ ଜେଏସ୍ଡବ୍ଲ୍ୟୁ ଷ୍ଟିଲ୍‌ର ମେଗା ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍‌ପ୍ଲାଣ୍ଟର ବ୍ଲାଷ୍ଟ ଫର୍ଣ୍ଣେସ୍ ନିର୍ମାଣ କାର୍ଯ୍ୟ ବୁଧବାର ଆରମ୍ଭ ହୋଇଛି। ଢିଙ୍କିଆ ଅଞ୍ଚଳରେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିବା ସହିତ ଓଡ଼ିଶାକୁ ଦେଶର 'ଷ୍ଟିଲ୍ ରାଜଧାନୀ' ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି କହିଛନ୍ତି।

ଶ୍ରୀ ମାଝୀ କହିଛନ୍ତି ଯେ ଯେଉଁ ପ୍ରକଳ୍ପ ପାଇଁ ଜନସାଧାରଣ ଦୁଇ ଦଶନ୍ଧି ଧରି ଅପେକ୍ଷା କରିଥିଲେ ଏବଂ ଦୁଇ ବର୍ଷ ତଳେ ଯାହାର କେବଳ ତରବରିଆ ଶିଳାନ୍ୟାସ କରାଯାଇଥିଲା, ତାହାକୁ ନୂତନ ଡବଲ୍ ଇଞ୍ଜିନ୍ ସରକାର ଫାଷ୍ଟ-ଟ୍ରାକ୍ ମୋଡ୍‌ରେ କାର୍ଯ୍ୟକାରୀ କରାଇଛି। ପୂର୍ବ ଗତିରେ କାମ ଚାଲିଥିଲେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୮ ମସିହାରେ ଆରମ୍ଭ ହୋଇଥାନ୍ତା। ବର୍ତ୍ତମାନ ୨୦୨୮ ସୁଦ୍ଧା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ଷ୍ଟିଲ୍ ଉତ୍ପାଦନ ଆରମ୍ଭ ହେବ। ରାଜ୍ୟରେ ଗଲା ଦୁଇ ବର୍ଷ ମଧ୍ୟରେ ୪୩୩ଟି ପ୍ରକଳ୍ପକୁ ମଞ୍ଜୁରି ଦିଆଯାଇଥିବା ବେଳେ ଏହା ଦ୍ୱାରା ୮ ଲକ୍ଷ ୫୦ ହଜାର କୋଟି ଟଙ୍କାର ନିବେଶ ସହ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ବର୍ତ୍ତମାନ ସୁଦ୍ଧା ୧୪୮ଟି ପ୍ରକଳ୍ପର ଭୂମିପୂଜା ସରିଛି। ଏହା ମାଧ୍ୟମରେ ପ୍ରାୟ ୨ ଲକ୍ଷ ୩୭ ହଜାର ଯୁବକଯୁବତୀ ନିଯୁକ୍ତି ପାଇଛନ୍ତି। ହାଇଦ୍ରାବାଦ, କୋଲକାତା ଓ ଗୁଜରାଟ ଗସ୍ତ କରି ସେ ପ୍ରାୟ ୨ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ଆଣିବାରେ ସଫଳ ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ପ୍ରତି ଥିବା ସ୍ନେହ ଓ ସହଯୋଗ ଯୋଗୁଁ ନିବେଶକମାନେ ଏବେ ଓଡ଼ିଶାମୁହାଁ ହେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ କଳ୍ପନାରେ ପାରାଦୀପ, ଧାମରା ଓ ଗୋପାଳପୁର ବନ୍ଦର ପ୍ରମୁଖ ଭୂମିକା ଗ୍ରହଣ କରିବ ଏବଂ ସେଥିରେ ପାରାଦୀପ ସବୁଠାରୁ ଶୀର୍ଷରେ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଉତ୍ସବରେ ଶିଳ୍ପମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ ଯୋଗ ଦେଇ ଏହା ପାରାଦୀପ ଏବଂ ସମଗ୍ର ଜଗତସିଂହପୁର ଜିଲ୍ଲାର ଔଦ୍ୟୋଗିକ ବିକାଶ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ବୋଲି କହିଛନ୍ତି। ଜେଏସ୍ଡବ୍ଲ୍ୟୁ ପକ୍ଷରୁ ଏହି ପ୍ରକଳ୍ପରେ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ, ଯାହାକି ଓଡ଼ିଶା ଶିଳ୍ପ ଇତିହାସରେ ସର୍ବାଧିକ। ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଅତ୍ୟାଧୁନିକ ପ୍ଲାଣ୍ଟରୁ ବାର୍ଷିକ ପ୍ରାୟ ୨୪ ମିଲିଅନ୍ ଟନ୍ ଷ୍ଟିଲ୍ ଉତ୍ପାଦନ ହେବା ସହ ଏଠାରେ ୧୨ ମିଲିଅନ୍ ଟନ୍‌ର ଏକ ସିମେଣ୍ଟ ପ୍ଲାଣ୍ଟ, ୯୦୦ ମେଗାୱାଟ୍‌ର କାପ୍‌ଟିଭ୍ ପାୱାର ସିଷ୍ଟମ୍ ଏବଂ ଏକ ସ୍ୱତନ୍ତ୍ର ଜେଟି ନିର୍ମାଣ କରାଯିବ। ଏହି ସମାରୋହରେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ଜେଏସ୍ଡବ୍ଲ୍ୟୁର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ, ସିଇଓ ଜୟନ୍ତ ଆଚାର୍ଯ୍ୟ, ସଭାପତି ଅନିଲ କୁମାର ସିଂହ ଉପସ୍ଥିତ ଥିଲେ।

# ବୁବୁନ ସାହୁଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଓଡ଼ିଶା ସିଭିଲ ସର୍ଭିସ୍ (ଓଏଏସ) ପରୀକ୍ଷା-୨୦୨୪ରେ ପ୍ରଥମ ସ୍ଥାନ ଅଧିକାର କରିଥିବା କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ତୋଳଙ୍କପଡ଼ା ଗ୍ରାମର ଶ୍ରୀ ବୁବୁନ ସାହୁଙ୍କୁ ସମ୍ବର୍ଦ୍ଧିତ କରି ଏହି ଉଲ୍ଲେଖନୀୟ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି ।ଏହି



ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜନସେବା ହେଉଛି ପ୍ରଶାସନର ମୂଳ ଲକ୍ଷ୍ୟ। ଲୋକଙ୍କ ମଙ୍ଗଳ, ସୁଶାସନ ଏବଂ ଶେଷ ମାଇଲ ପର୍ଯ୍ୟନ୍ତ ସରକାରୀ ସେବା ପହଞ୍ଚାଇବାକୁ ଅଧିକ ଗୁରୁତ୍ୱ ଦେବା ସହିତ ସମାଜର ଶିଶୁ, ମହିଳା ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ଉନ୍ନତି ପାଇଁ ସମର୍ପିତ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ। ଜଣେ ଭଲ ପ୍ରଶାସକ ସହ ଜଣେ ଭଲ ମଣିଷ ଭାବେ ନିଜକୁ ଗଢ଼ି ତୋଳିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ।

## ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ଦିଲ୍ଲୀପ ପୁରୀରୁ ଗିରଫ

ପୁରୀ: ପୁରୀରେ ଆତ୍ମଗୋପନ କରିଥିବା ପଶ୍ଚିମବଙ୍ଗର ପୂର୍ବତନ ପରିବହନ ମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତା ଦିଲ୍ଲୀପ ମଣ୍ଡଳଙ୍କୁ ପଶ୍ଚିମବଙ୍ଗ ଏସ୍‌ଟିଏଫ୍ ଗିରଫ କରିଛି। ସେ ଗିରଫ ଭୟରେ ବହୁଦିନ ଧରି ପଶ୍ଚିମବଙ୍ଗରୁ ଫେରାର ଥିଲେ। ଦିଲ୍ଲୀପ ଗତକାଲି ପୁରୀ ବଳିଆପଣ୍ଡା ଥାନା ଅଞ୍ଚଳର ବ୍ଲୁ ଲିଲି ହୋଟେଲ୍‌ରେ ରହିଥିବା ନେଇ ଏସ୍‌ଟିଏଫ୍ ପାଖରେ ଖବର ପହଞ୍ଚିଥିଲା। ପଶ୍ଚିମବଙ୍ଗ ଏସ୍‌ଟିଏଫ୍ ଟିମ୍ ତାଙ୍କୁ ପୁରୀରୁ ଧରିନେଇଛି।

ସୂଚନାଯୋଗ୍ୟ, ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ତାଙ୍କ ପୁଅ ଅର୍ଘ୍ୟ ମଣ୍ଡଳଙ୍କୁ ଏସ୍‌ଟିଏଫ୍ ଟିମ୍ ଦକ୍ଷିଣ ଚବିଶପ୍ରଗଣାରୁ ଗିରଫ କରିଥିଲା। ପଶ୍ଚିମବଙ୍ଗ ବିଷ୍ଣୁପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ତୃଣମୂଳ କଂଗ୍ରେସ ସରକାରରେ ପରିବହନ ବିଭାଗ ମନ୍ତ୍ରୀ ଥିବା ଦିଲ୍ଲୀପ ମଣ୍ଡଳ ଜଣେ ବିଜେପି କର୍ମୀଙ୍କୁ ଧମକ ଦେଇଥିବା ନେଇ ତାଙ୍କ ବିରୋଧରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ପଶ୍ଚିମବଙ୍ଗରେ ତାଙ୍କ ବିରୋଧରେ ଅନେକ ମାମଲା ରହିଥିବା ଜଣାପଡିଛି। ଦିଲ୍ଲୀପଙ୍କୁ ଗିରଫ କରିବା ପାଇଁ ପୁଲିସ ପୂର୍ବରୁ ତାଙ୍କ ଆଡାରେ ଚଢ଼ଉ କରିଥିଲା। ମାତ୍ର ଗିରଫଦାରୀରୁ ବଞ୍ଚିବା ପାଇଁ ସେ ଫେରାର ହୋଇ ଯାଇଥିଲେ। ଗତକାଲି ରାତି ୧୦ଟା ସମୟରେ ସେ ବ୍ଲୁ ଲିଲି ହୋଟେଲ୍‌କୁ ଆସି ୨୧୩୨ ନମ୍ବର ରୁମ୍‌ରେ ରହିଥିଲେ। ପଶ୍ଚିମବଙ୍ଗ ଏସ୍‌ଟିଏଫ୍ ଟିମ୍ ହୋଟେଲ୍‌ରେ ପହଞ୍ଚି ଦିଲ୍ଲୀପଙ୍କର ଜଣେ ସହଯୋଗୀଙ୍କୁ ଉଠାଇନେବା ସହ ପରବର୍ତ୍ତୀ ସମୟରେ ହୋଟେଲରୁ ତାଙ୍କୁ ଧରି ନେଇଥିଲା।

# ଯୁବବର୍ଗ ହେଉଛନ୍ତି ପରିବର୍ତ୍ତନର ପ୍ରମୁଖ ବାହକ: ରାଜ୍ୟପାଳ



ଭୁବନେଶ୍ୱର : ଯୁବବର୍ଗ ହେଉଛନ୍ତି ପରିବର୍ତ୍ତନର ପ୍ରମୁଖ ବାହକ ଓ ରାଷ୍ଟ୍ର ନିର୍ମାଣ ଏବଂ ସ୍ଥାୟୀ ବିକାଶ ପାଇଁ ତଥା ସୂଚନା ପ୍ରସାରଣ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାରେ ଯୁବବର୍ଗଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି ଓ ବୁଧବାର ଦିନ ଲୋକଭବନର ଅଭିଷେକ ହଲଠାରେ 'ଯୁବ ସଙ୍ଗମ' ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ ଅବସରରେ ରାଜ୍ୟପାଳ ଏହି ଗୁରୁତ୍ୱାରୋପ କରିଛନ୍ତି ।

'ଏକ ଭାରତ ଶ୍ରେଷ୍ଠ ଭାରତ' ଅଭିଯାନ ଅଧୀନରେ ଆୟୋଜିତ ଏହି ଯୁବ ବିନିମୟ କାର୍ଯ୍ୟକ୍ରମ 'ଯୁବ ସଙ୍ଗମର ଷଷ୍ଠ ପର୍ଯ୍ୟାୟ' ଅଧୀନରେ ଓଡ଼ିଶା ଗସ୍ତରେ ଆସିଥିବା ଗୁଜରାଟର ବିଭିନ୍ନ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା ସମୟରେ ରାଜ୍ୟପାଳ ବିଭିନ୍ନ ପ୍ରସଙ୍ଗରେ ଆଲୋକପାତ କରିଥିଲେ । ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଯୁବ ନାଗରିକମାନଙ୍କ ମଧ୍ୟରେ ଭାବଗତ ବନ୍ଧନକୁ ମଜବୁତ କରିବା ଏବଂ ପାରସ୍ପରିକ ବୁଝାମଣାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି ।

ଏହି ଅବସରରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କଠାରୁ ଗସ୍ତ ପୂର୍ବରୁ ଏବଂ ପରେ ଓଡ଼ିଶାରେ ସେମାନଙ୍କର ଅଭିଜ୍ଞତା ଏବଂ ରାଜ୍ୟ ପ୍ରତି ସେମାନଙ୍କର ଧାରଣା ସମ୍ପର୍କରେ ରାଜ୍ୟପାଳ ମତାମତ ଲୋଡିଥିଲେ। ସେମାନଙ୍କୁ ବିବିଧତାରେ ଏକତାର ବାର୍ତ୍ତା ଆଗକୁ ବଢ଼ାଇବା ସହିତ ସାଂସ୍କୃତିକ ବୁଝାମଣାର ଆମ୍ବାସଡର ହୁଅନ୍ତୁ ବୋଲି ରାଜ୍ୟପାଳ ଉତ୍ସାହିତ କରିଥିଲେ।

ଓଡ଼ିଶାର ଦ୍ରୁତ ପ୍ରଗତି ଉପରେ ଆଲୋକପାତ କରି ରାଜ୍ୟର ଅମାପ ଖଣିଜ ସମ୍ପଦ, ଜୀବନ୍ତ ଆଦିବାସୀ ଐତିହ୍ୟ, ବର୍ଦ୍ଧିତ ଶିଳ୍ପ ବିକାଶ ଏବଂ ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଦୀୟମାନ ସ୍ଥିତି ବିଷୟରେ ରାଜ୍ୟପାଳ ଆଲୋକପାତ କରିଥିଲେ । ପଟ୍ଟଚିତ୍ର, ରୂପା ତାରକସି କାମ, ପଥର ଖୋଦେଇ, ସମ୍ବଲପୁରୀ ଶାଢ଼ି ଏବଂ ହସ୍ତତନ୍ତ ବୟନ ପରମ୍ପରା ସମେତ ଓଡ଼ିଶାର ପ୍ରସିଦ୍ଧ ପାରମ୍ପରିକ କଳା ଏବଂ ହସ୍ତଶିଳ୍ପ ବିଷୟରେ ମଧ୍ୟ ରାଜ୍ୟପାଳ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ।

ଏଥି ସହିତ ରାଜ୍ୟର ଇକୋ-ପର୍ଯ୍ୟଟନ ପଦକ୍ଷେପ ସହିତ ଭିତରକନିକା ଜାତୀୟ ଉଦ୍ୟାନ ଏବଂ ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଭଳି ସ୍ଥାନଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରି ଓଡ଼ିଶାର ପରିବେଶଗତ ଏବଂ ପର୍ଯ୍ୟଟନ ସମ୍ଭାବନା ଉପରେ ମଧ୍ୟ ରାଜ୍ୟପାଳ ଉଲ୍ଲେଖ କରିଥିଲେ।

ଏହି ଆଲୋଚନା ସମୟରେ ଦେଶର ଆର୍ଥିକ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ 'ଅର୍ଥନୈତିକ ଆତ୍ମସୁରକ୍ଷା' ସମ୍ପର୍କିତ ପରାମର୍ଶ ପାଳନ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟପାଳ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ କୋଭିଡ୍-୧୯ ମହାମାରୀ ସମୟରେ ଭାରତ ଆତ୍ମନିର୍ଭରଶୀଳତା, ନବସୃଜନ ଏବଂ ଡିଜିଟାଲ ପ୍ରକ୍ରିୟାକରଣକୁ ପ୍ରୋତ୍ସାହିତ କରି ଆହ୍ୱାନଗୁଡ଼ିକୁ ସୁଯୋଗରେ ପରିଣତ କରିପାରିଥିଲା । ଏହି ସମୟରେ ଡିଜିଟାଲାଇଜେସନ୍ ତ୍ୱରାନ୍ୱିତ କରାଯିବ ସହିତ ସାରା ଦେଶରେ ଇ-କମର୍ସ ପ୍ଲାଟଫର୍ମ ଦ୍ରୁତ ପ୍ରସାରଣ କରାଯାଇଥିଲା ।

# କାରଣ ଖୋଜୁଛି ବିଜେଡ଼ି

(ଜୀତେନ୍ଦ୍ର ପତି)

ଭୁବନେଶ୍ୱର : ବିଜେଡ଼ିରୁ ଗୋଟିକ ପରେ ଗୋଟିଏ ରାଜ୍ୟସଭା ସାଂସଦ ଦଳ ତ୍ୟାଗ କରି ବିଜେପିରେ ମିଶୁଛନ୍ତି । ପ୍ରଥମେ ମମତା ମହନ୍ତ, ତା'ପରେ ସୁଜିତ୍ କୁମାର ଓ ଏବେ ଦେବାଶିଷ ସାମନ୍ତରାୟ ଦଳ ତ୍ୟାଗ କରିଛନ୍ତି । ଆଗାମୀ ଦିନରେ ଆଉ କିଏ ବା ନଛାଡ଼ିବ ସେ କଥା କିଏ କହିବ ।

ସମଗ୍ର ଭାରତବର୍ଷରେ ବିଜେପି ଶାସନ ଓ ବିଶେଷ କରି ଓଡ଼ିଶାରେ ଡବଲ୍ ଇଂଜିନ୍ ସରକାର ପାଇଁ ବହୁ ବିଜେଡ଼ି ନେତା ଭିତରେ ଭିତରେ ଗଳା ବାଟ ଖୋଜୁଛନ୍ତି କେଉଁ ବାଟରେ ଗଲେ, କେଉଁ ବିଜେପି ନେତାଙ୍କ ହାତ ଧରି ଦଳରେ ମିଶିବେ । କାରଣ ବିଜେଡ଼ିର ଆଭ୍ୟନ୍ତରୀଣ ବିଶୃଙ୍ଖଳା ଏତେ ବଢ଼ିଗଲାଣି ଯେ, କେହି କାହାକୁ ମାନିବାକୁ ନାରାଜ । ଦଳପତି ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ନାଲି ଆଖି ଦେଖାଇଲେ ବି ବହୁ ବିଜେଡ଼ି କର୍ମୀ, ନେତା, ବିଧାୟକ ମାନିବାକୁ ନାରାଜ୍ । ବିଜେପି ଦଳର ଭବିଷ୍ୟତ ସୁଦୃଢ଼ ଆଡ଼କୁ ଗତି କରୁଛି ବୋଲି ବିଜେଡ଼ିର ନେତାମାନେ ଅନୁଭବ କରୁଛନ୍ତି । କିନ୍ତୁ ମୁହଁ ଖୋଲି କହିପାରୁ ନାହାଁନ୍ତି । କିଛି ବିଜେଡ଼ି ନେତା ନିଜ ନାମକୁ ଗୁପ୍ତ ରଖି ଏକଥା ବି କହିଛନ୍ତି ଯେ, ଆପେ ବଞ୍ଚିଲେ ବାପର ନାଁ । ବିଜେପି ଦଳର ସମର୍ଥନରେ ବାଟ ଚାଲୁଥିଲା ବେଳେ ଝୁଣ୍ଟି ପଡ଼ିଲେ ବି ଆମକୁ କେହି ନା କେହି ଉଠାଇଦେବ ଓ ଆଗକୁ ବାଟ ଚାଲିବା ପାଇଁ ବାଟ ଦେଖାଇବ । କିନ୍ତୁ ବିଜେଡ଼ି ଦଳରେ ରହି ବାଟ ଚାଲିବା, ଅନ୍ଧାର ଇଲାକାରେ ଝୁଣ୍ଟି ପଡ଼ିଲେ ଉଠାଇବାକୁ କେହି କର୍ମୀ ନାହାଁନ୍ତି । ବିଜେଡ଼ି ଦଳ ଛାଡି ଯେଉଁମାନେ ବିଜେପିରେ ଯୋଗ ଦେଇଛନ୍ତି ସେମାନଙ୍କ ମଧ୍ୟରୁ କେହି ବିଧାୟକ, କେହି ସାଂସଦ ଭାବେ ବିଜେପି ଦଳରେ ରାଜୁତି କରୁଛନ୍ତି । ସେମାନଙ୍କ ହାତରେ ସରକାର ଅଛି, ମନ୍ତ୍ରୀ ଅଛନ୍ତି ଏବଂ ନିଜ ଅଞ୍ଚଳର ବିକାଶ ପାଇଁ ଲଢ଼େଇ କରି ନିଜର ଗରିମାକୁ ଲୋକଙ୍କ ପାଖରେ ପହଞ୍ଚାଇ ପାରୁଛନ୍ତି । ଆଗାମୀ ଦିନରେ ଅର୍ଥାତ୍ ୨୦୨୯ ବେଳକୁ ବହୁ ବିଜେଡ଼ି କର୍ମୀ ଓ ନେତା ବିଜେପିରେ ମିଶି ସାରିଥିବେ। ସେଥିପାଇଁ ବିଜେଡ଼ିର ମୁଖିଆ କାରଣ ଖୋଜୁଛନ୍ତି କ'ଣ ପାଇଁ ଆମ ଦଳ ଛାଡ଼ି ନେତା, କର୍ମୀ ପଳାଉଛନ୍ତି । ଆମ ଭିତରେ କିଏ କେଁ ପୂରାଉଛି, କିଏ ଅଛି ବିଭୀଷଣ । ଖୋଜୁଛନ୍ତି ହେଲେ ପାଉନାହାଁନ୍ତି । ଦେଖାଯାଉ କେବେ ଦଳ ସେହି ବିଭୀଷଣକୁ ଖୋଜି ପାଇବ ।

ସମ୍ପାଦକୀୟ

# ଅଧା ବିଶ୍ୱ ପାଇଁ ଜଳସଙ୍କଟ

ସମଗ୍ର ପରିବେଶ ଓ ପାଣିପାଗ ଏକ ବଡ଼ ବିପର୍ଯ୍ୟୟକୁ ସାମ୍ନା କରିବା ପାଇଁ ଯାଉଛି। ଆମ୍ଭମାନଙ୍କର କାର୍ଯ୍ୟକଳାପ ଯୋଗୁ ସାରା ବିଶ୍ୱ ବର୍ତ୍ତମାନ ଅସନ୍ତୁଳନର ଗୋଟାଏ ବିପଜ୍ଜନକ ପର୍ଯ୍ୟାୟରେ ପ୍ରବେଶ କରିଛି ବୋଲି ବୈଜ୍ଞାନିକ ଓ ପରିବେଶ ବିଜ୍ଞାନୀମାନେ ସତର୍କ କରାଇ ଦେଇଛନ୍ତି। ନିକଟରେ ବୈଷୟିକ ଜଳବାୟୁ ମୂଲ୍ୟାୟନର ଯାହା ରିପୋର୍ଟ ପ୍ରକାଶ ପାଇଛି ତାହା ଆଖି ତରାଟି ଦେଲାଭଳି। ୨୦୧୫ରୁ ୨୦୨୫ ଭିତରେ ଅସହ୍ୟ ଗରମ ଅନୁଭୂତ ହୋଇଛି। ତେବେ ଖାଲି ପାଣିପାଗର ଏହି ଉଦ୍‌ବେଗ ଏକା ହୋଇ ରହିନାହିଁ ଅନ୍ୟ ଏକ ସମ୍ଭାବିତ ଦିଗଟି ମଧ୍ୟ ଆମ ସମସ୍ତଙ୍କ ପାଇଁ ଚିନ୍ତାଜନକ ନିଶ୍ଚୟ। ନିକଟରେ ବିଶ୍ୱସ୍ତରୀୟ ପରିସଂଖ୍ୟାନର ତଥ୍ୟ ଯାହା ସୂଚିତ କରିଛି, ତାହାକୁ ଆଧାର କରିଦେଖିଲେ ବିଶ୍ୱର ଅଧା ଜନସଂଖ୍ୟା ଏବେ ଜଳ ସଙ୍କଟ ଦେଇ ଗତି କରୁଛି। ଅର୍ଥାତ୍ ୪୦୦ କୋଟି ଲୋକ ଘୋର ଜଳ ସଙ୍କଟରେ ରହିଛନ୍ତି। ଜାତିସଂଘ ତରଫରୁ ପ୍ରକାଶିତ ରିପୋର୍ଟରେ ଏଭଳି ଉଦବେଗଜନକ ତଥ୍ୟ ଦିଆଯାଇଛି। କେବଳ ସେତିକି ନୁହେଁ, ବିଶ୍ୱର ୧୦୦ଟି ବୃହତ୍ତମ ସହର ମଧ୍ୟରୁ ଅଧା ଅର୍ଥାତ୍ ୫୦ଟି ସହର ଗମ୍ଭୀର ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିରେ ଦିଲ୍ଲୀ, ବେଜିଂ, ନ୍ୟୁୟର୍କ ଭଳି ସହର ଅନ୍ତର୍ଭୁକ୍ତ। ରିପୋର୍ଟ ଅନୁଯାୟୀ ୨୯ଟି ସହରର ସ୍ଥିତି ଅତ୍ୟନ୍ତ ଗମ୍ଭୀର ବୋଲି ଦର୍ଶାଯାଇଛି। ଏଥିରେ ଭାରତର ଦିଲ୍ଲୀ ଚତୁର୍ଥ ସ୍ଥାନରେ ରହିଥିବା ବେଳେ କୋଲକାତା ୯ମ, ମୁମ୍ବାଇ ଦ୍ୱାଦଶ, ବେଙ୍ଗାଲୁରୁ ୨୪ତମ ଓ ଚେନ୍ନାଇ ୨୯ତମ ସ୍ଥାନରେ ରହିଛି। ହାଇଦ୍ରାବାଦ, ଅହମଦାବାଦ, ସୁରଟ ଓ ପୁଣେ ମଧ୍ୟ ଦୀର୍ଘକାଳୀନ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି।ଆଫଗାନିସ୍ତାନ ରାଜଧାନୀ କାବୁଲ ସମ୍ପୂର୍ଣ୍ଣ ଜଳଶୂନ୍ୟ ହେବାରେ ପ୍ରଥମ ଆଧୁନିକ ସହର ହେବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ଅତ୍ୟଧିକ ଭୂତଳ ଜଳ ବ୍ୟବହାର କାରଣରୁ ମେକ୍ସିକୋ ସିଟି ତଳକୁ ଦବିବାରେ ଲାଗିଛି। ଆମେରିକାର ଦକ୍ଷିଣ-ପଶ୍ଚିମ ରାଜ୍ୟ ଗୁଡ଼ିକରେ କଲରାଡୋ ନଦୀ ଜଳକୁ ନେଇ ଟଣାଓଟରା ଚାଲିଛି। ମଝିରେ ଆମେ ଏକ ଆଶ୍ଚର୍ଯ୍ୟଜନକ ଖବର ଦେଖିଥିଲେ ଯେ ଦୁବାଇ, କୁଏଟ ଓ ସାଉଦିଆରବରେ ଅନେକ ବର୍ଷ ପରେ ଅଚାନକ ବର୍ଷା ହୋଇ ମରୁଭୂମିର ଏହି ମୁଲକରେ ବନ୍ୟା ଦେଖିବାକୁ ମିଳିଥିଲା। ଆରବ ମରୁ



ରାଜ୍ୟରେ ବନ୍ୟା, ଏ ଦୃଶ୍ୟଟି ସମଗ୍ର ବିଶ୍ୱବାସୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଥିଲା ମଧ୍ୟ। ପାଣିପାଗର ସନ୍ତୁଳନ କିପରି ଭୟାନକ ଭାବେ ବିଗିଡ଼ି ଯାଇଛି ଏହିଥିରୁ ଅନୁମାନ କରନ୍ତୁ।

ରିପୋର୍ଟ ଅନୁଯାୟୀ ନଦୀ ଏବଂ ହ୍ରଦ ସଙ୍କୁଚିତ ହେବାରେ ଲାଗିଛି। ଭୂତଳ ଜଳ ହ୍ରାସ ପାଉଛି ଓ ଆର୍ଦ୍ରଭୂମି ଶୁଖିଯାଉଛି। ପ୍ରତିବର୍ଷ ୪ ବିଲିଅନ ବା ୪୦୦ କୋଟି ଲୋକ ଅତିକମ୍‌ରେ ଗୋଟିଏ ମାସ ପାଇଁ ଜଳାଭାବର ଶିକାର ହେଉଛନ୍ତି। ଇରାନ ରାଜଧାନୀ ତେହରାନ କ୍ରମାଗତ ଷଷ୍ଠ ବର୍ଷ ପାଇଁ ମରୁଡ଼ିର ସମ୍ମୁଖୀନ ହେଉଛି ଓ ଡେ ଜିରୋ ଅର୍ଥାତ୍ ଶୂନ୍ୟ ଦିନର ବହୁତ ନିକଟତର ହେଉଛି। ଅତ୍ୟଧିକ ଜଳ ସଙ୍କଟ ବା ମୌଳିକ ଆବଶ୍ୟକତା ପୂରଣ ପାଇଁ ପାଣିର ଅଭାବକୁ ଡେ ଜିରୋ ବୋଲି କୁହାଯାଇଥାଏ। ଇରାନରେ ନିକଟ ଭବିଷ୍ୟତରେ ଏପରି ଦିନ ଆସିବ ଯେଉଁଦିନ ନାଗରିକଙ୍କ ପାଇଁ ପାଣି ରହିବ ନାହିଁ। ଦକ୍ଷିଣ ଆଫ୍ରିକା ରାଜଧାନୀ କେପ୍ ?ଟାଉନ ଓ ଚେନ୍ନାଇ ମଧ୍ୟ ପୂର୍ବରୁ ଏହି ସ୍ଥିତିରେ ପହଞ୍ଚି ସାରିଛନ୍ତି।

୧୯୯୦ ପରଠାରୁ ବିଶ୍ୱର ଅଧା ପ୍ରମୁଖ ହ୍ରଦ ଜଳ ହରାଇବାରେ ଲାଗିଛି। ଭୂତଳ ଜଳଭଣ୍ଡାର ନିରନ୍ତର ୭୦ ପ୍ରତିଶତ ହ୍ରାସ ପାଇଛି। ଗତ ୫୦ ବର୍ଷ ମଧ୍ୟରେ ୟୁରୋପର ଅନେକ ଆର୍ଦ୍ରଭୂମି ଅଦୃଶ୍ୟ ହୋଇଗଲାଣି। ୧୯୭୦ ପରଠାରୁ ହିମପ୍ରବାହ ପ୍ରାୟ ୩୦ ପ୍ରତିଶତ ସଙ୍କୁଚିତ ହୋଇଛି। ତେଣୁ ଆଗକୁ ବିଶ୍ୱ ପାଇଁ ଏକ ମହା ଜଳ ସଙ୍କଟ ସ୍ଥିତି ଆସୁଛି ବୋଲି ଧରି ନେବାକୁ ହେବ। ସାରା ବିଶ୍ୱର ଅଧିବାସୀ ଏ ନେଇ ସଚେତନ ହେବାର ଆବଶ୍ୟକତା ରହିଛି। ବଡ଼କଥା ହେଉଛି, ଆମ୍ଭେମାନେ ଅନେକ ପ୍ରାକୃତିକ ଜଳ ଉତ୍ସ ଉପରେ କଂକ୍ରିଟ ଜଙ୍ଗଲ ଗଢ଼ି ଏହାର ସ୍ରୋତକୁ ବନ୍ଦ କରିଦେଉଛୁ, ଯାହାର କୁପରିଣତି ସ୍ଥାନୀୟ ଅଧିବାସୀଙ୍କୁ ଭୋଗିବାକୁ ପଡୁଛି ।

ସେହିପରି ଅବିରତ ଭାବେ ଆମ୍ଭେମାନେ ଅନେକ କ୍ଷେତ୍ରରେ ଜଳ ନଷ୍ଟ କରୁଛୁ। ଆପଣ ଅନେକ ସ୍ଥାନରେ ରାସ୍ତାରେ ଗଲାବେଳେ ଲକ୍ଷ୍ୟ ରଖିଥିବେ ରାସ୍ତାକଡ଼ର ଟ୍ୟାପରୁ ଦିନ ରାତି ପାଣି ବୋହି ଚାଲିଥିବ। ଏପଟେ ଆମେ ଏହି ରାଜ୍ୟରେ ମଧ୍ୟ ବାସ କରୁଛେ, ଯେଉଁଠି କି ରାଜ୍ୟର କିଛି ଉପାନ୍ତ ଓ ପାର୍ବତ୍ୟ ଘେରା ଅଞ୍ଚଳରେ ସ୍ଥାନୀୟ ଲୋକମାନେ ପାଣି ପାଇଁ ଅନେକ ବାଟ ଚାଲି ଚାଲି ଯାଉଛନ୍ତି। ସେହିପରି ବିଭିନ୍ନ ସଫାସଫି ଓ ଅଯଥା ସୌଖୀନ କାର୍ଯ୍ୟ ପାଇଁ ଆମେମାନେ ମଧ୍ୟ ଅପର୍ଯ୍ୟାପ୍ତ ଜଳ ନଷ୍ଟ କରୁଛୁ। ବୈଜ୍ଞାନିକମାନେ ମଧ୍ୟ ସତର୍କ କରିସାରିଲେଣି ଯେ ପୃଥିବୀରେ ଗଚ୍ଛିତ ଥିବା ବରଫ ହ୍ରାସ ପାଇଚାଲିଛି ପ୍ରାୟ ଏକ ଦଶନ୍ଧି ହେବ ସମୁଦ୍ର ଉତ୍ତାପ ମଧ୍ୟ ରେକର୍ଡ଼ ସ୍ତରରେ ପହଞ୍ଚିଛି। ଏଥିଯୋଗୁ ଭୀଷଣ ବାତ୍ୟା, ସାମୁଦ୍ରିକ ଝଞ୍ଜି ଏହାର ପ୍ରଭାବରେ ବନ୍ୟା ଓ ମରୁଡ଼ି ପରି ଅନେକ ପ୍ରକୃତିଗତ କୁପ୍ରଭାବ ପରିଲକ୍ଷିତ ହେବ। ଦୁଃଖ ଏଇଠି ମଧ୍ୟ ସରିନାହିଁ। ଆମ୍ଭେମାନେ ପରିବେଶକୁ ଦିନକୁ ଦିନ ଯେଉଁପରି ଭାବରେ କାର୍ବନଡାଇଅକ୍ସାଇଡ, ମିଥେନ, ନାଇଟ୍ରସ ଅକ୍ସାଇଡ଼ ଭଳି ଗ୍ରୀନ୍ ହାଉସ ଗ୍ୟାସ ବଢ଼ାଇବାରେ ପ୍ରମୁଖ ଓ ପରୋକ୍ଷ ଭୂମିକା ନିର୍ବାହ କରୁଛେ ଏହା ବିଶ୍ୱର ଶକ୍ତି ସନ୍ତୁଳନର ବିଭ୍ରାଟ ଘଟାଇବା ପାଇଁ ଯଥେଷ୍ଟ। ବୈଜ୍ଞାନିକଙ୍କ ତଥ୍ୟ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ, ଜଳବାୟୁ ପରିବର୍ତ୍ତନ କେବଳ ଭୟାନକ ଜଳ ସଙ୍କଟ ନୁହେଁ ବରଂ ଖାଦ୍ୟ ସଙ୍କଟ, ସ୍ୱାସ୍ଥ୍ୟ ସମସ୍ୟା ଓ ବିଭିନ୍ନ ସଂକ୍ରାମକ, ଆକସ୍ମିକ ଓ ଦୀର୍ଘକାଳୀନ ରୋଗ ବ୍ୟାପିବା ପାଇଁ ମଧ୍ୟ ଜଡ଼ିତ। ଯାହାର ବିପର୍ଯ୍ୟୟର କୁପରିଣତି ନିମିତ୍ତ ବିପୁଳ ଲୋକ ବାସହରା ହେବେ। ଏସବୁ ଦିଗକୁ ଦେଖି ଜଳ ସଙ୍କଟ ଦୂର କରିବା ଲାଗି ଆସନ୍ତୁ ଆମେ ସମସ୍ତେ ଚେଷ୍ଟା କରିବା।

## ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ

# 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'

**ମନୋରମା ନନ୍ଦ (ମିଶ୍ର)**

ଦେଶ ତଥା ଜନ୍ମମାଟିର ସୁରକ୍ଷା ପାଇଁ ଲଢ଼େଇ କରି ଅନେକ ସ୍ୱାଧୀନତା ସଂଗ୍ରାମୀ ଜୀବନକୁ ବଳି ଦେଇଛନ୍ତ। ଇଂରେଜ ଶାସନକୁ ପ୍ରତିହତ କରି ଅନ୍ୟମାନଙ୍କ ପାଇଁ ଉଚ୍ଚ ଆଦର୍ଶ ସୃଷ୍ଟି କରିଛନ୍ତି। ହେଲେ ଏମିତି କେତେକ ଆଗଧାଡ଼ିର ସ୍ୱାଧୀନତା ସଂଗ୍ରାମୀଙ୍କୁ ଏକଜୁଟ୍ କରିଥିବା ସଂଗଠନ ହେଉଛି 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'। କହିବାକୁ ଗଲେ, ଏହି ସଦନ ପାଲଟିଥିଲା ଅବିଭକ୍ତ ପୁରୀ ଜିଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ। ଦେଶ ସ୍ୱାଧୀନ ହେବା ପୂର୍ବରୁ ଅର୍ଥାତ୍ ୧୯୪୦ ମସିହାରେ ଅବିଭକ୍ତ ପୁରୀ ଜିଲ୍ଲା (ଏବେ ଖୋର୍ଦ୍ଧା)ର ବାଜପୁର ଗ୍ରାମରେ ପ୍ରତିଷ୍ଠା କରାଯାଇଥିବା ଏହି ସଦନକୁ ଇତିମଧ୍ୟରେ ୮୬ ବର୍ଷ ଅତିକ୍ରାନ୍ତ ହୋଇଛି। ହେଲେ ଏହା ଏବେ ବି ବିଗତ ଦିନର ସେହି ମହାନ୍ ସଂଗ୍ରାମୀଙ୍କ ଉଚ୍ଚ ଆଦର୍ଶରୁ ତିଳେ ମାତ୍ର ବିଚ୍ୟୁତ ନ ହୋଇ ତା'ର କାର୍ଯ୍ୟଧାରା ଜାରି ରଖିଛି। ଏହାର ସେତେବେଳେ ନେତୃତ୍ୱ ନେଇଥିଲେ ବାଜପୁରର ବରପୁତ୍ର ସ୍ୱାଧୀନତା ସଂଗ୍ରାମୀ କବିଗୌରବ ପଣ୍ଡିତ ନାରାୟଣ ମିଶ୍ର। ଆଉ ଏହି ସଦନ ଗଢ଼ିବାରେ ତାଙ୍କୁ 'ନବଜୀବନ'ର ପ୍ରତିଷ୍ଠାତା ଚିନ୍ତାମଣି ମିଶ୍ର, ସଂଗ୍ରାମୀ ବାନାମ୍ବର ପଟ୍ଟନାୟକ, ପଦ୍ମନାଭ ମିଶ୍ର ଓ ନାରାୟଣ ସେଠୀ ପ୍ରମୁଖଙ୍କ ଭଳି ଧୂରୀଣ ବ୍ୟକ୍ତିତ୍ୱ ସହଯୋଗର ହାତ ବଢ଼ାଇଥିଲେ।

ମୁକ୍ତିସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ର ମାତ୍ର ୩ ବର୍ଷ ବର୍ଷ ବୟସରେ ପିତା ଦିଗମ୍ବର ମିଶ୍ରଙ୍କୁ ହରାଇ ପିତୃହୀନ ହୋଇଥିଲେ। ପରେ ତାଙ୍କ ବଡ଼ମାମୁ ବିଶ୍ୱନାଥ ମିଶ୍ରଙ୍କ ପରାମର୍ଶ କ୍ରମେ ୧୯୨୧ରେ ପଞ୍ଚସଖାଙ୍କ ନେତୃତ୍ୱରେ ଗଢ଼ି ଉଠିଥିବା ସତ୍ୟବାଦୀ ବକୁଳ ବନ ବିଦ୍ୟାଳୟରେ ଶିକ୍ଷାଗ୍ରହଣ ପାଇଁ ପାଇଁ ସେ ସାକ୍ଷୀଗୋପାଳ ଅଭିମୁଖେ ଯାଇଥିଲେ। ପ୍ରଥମ ଥର ପାଇଁ ପଞ୍ଚସଖା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାସ ଓ କୃପାସିନ୍ଧୁ ମିଶ୍ର ପ୍ରମୁଖଙ୍କ ସଂସ୍ପର୍ଶରେ ଆସିବା ପରେ ସ୍ୱାଧୀନତାର ମହାମନ୍ତ୍ରରେ ଉଦ୍‌ଭାସିତ ହୋଇଥିଲେ। ଆଉ ସେହିଠାରୁ ହିଁ ବାନରସେନା ଗଢ଼ିବା ଲାଗି 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ' ପ୍ରତିଷ୍ଠା କରିବାର କୌଶଳ ଶିଖିଥିଲେ।

୧୯୩୦ରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ରାଜ୍ୟର ବିଭିନ୍ନ ଗ୍ରାମରେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ ପାଇଁ 'ବାନରସେନା' ଗଠନ କରାଯାଉଥାଏ। ଆଉ ସେହି 'ବାନରସେନା'ରେ ସାମିଲ ହେବା ପାଇଁ ସୈନିକ ବା କର୍ମୀ ଯୋଗାଡ଼ କରିବାକୁ ଆହ୍ୱାନ ଦିଆଯାଇ ଥିବାରୁ ବାଜପୁରରେ ଏଥିପାଇଁ ମୂଳଦୁଆ ପକାଇବାକୁ ନିଷ୍ପତ୍ତି ହୋଇଥିଲା। ପାଠପଢ଼ା, ପରିବାର, ଭବିଷ୍ୟତ ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟ ଆଦି ପରିତ୍ୟାଗ କରି ଗତିଧାରାରେ ସମ୍ପୂର୍ଣ୍ଣ ପୂର୍ଣ୍ଣଚ୍ଛେଦ ଟାଣି 'ବାନରସେନା' ପାଇଁ କର୍ମୀ ଯୋଗାଡ଼ କରିବାର ଦୁର୍ବାର ଶପଥ ନିଆଯାଇଥିଲା। ପ୍ରବଳ ପ୍ରତାପୀ ବ୍ରିଟିଶ ଶାସକ ନିଃଶେଷ କରି ଦେଇଥାଏ ଭାରତୀୟ ଜନଜୀବନକୁ। ଅନ୍ୟାୟ, ଅତ୍ୟାଚାର, ଶୋଷଣ ଆଦି ସୀମା ଲଂଘିଥାଏ। କହିବାକୁ ଗଲେ, ନିର୍ବାଣ ଦୀପଶିଖା ଜଳି ଉଠୁଥାଏ। ସେଥିରେ ପୂର୍ଣ୍ଣଚ୍ଛେଦ ଟାଣିବା ସହ ସୁସ୍ଥ, ସୁନ୍ଦର, ବୃହତ୍ତର ସ୍ୱାଧୀନ ଜୀବନର ଶିଳାନ୍ୟାସ କରିବାକୁ ଅଗ୍ରସର ହେଉଥାନ୍ତି ସଂଗ୍ରାମୀଗଣ। ନବପ୍ରଭାତ ସହ ନୂତନ ଭାଷାର ଅରୁଣିମାକୁ ଅପେକ୍ଷା କରିଥାନ୍ତି ସଭିଏଁ। ଶରୀରରେ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଚଳାଇବାକୁ ହେବ ଏ ଅସହଯୋଗ ଆନ୍ଦୋଳନ। ତା' ପରେ ଜଣାପଡ଼ିବ, କେତେ ଦିନ ତିଷ୍ଠି ରହିବ ଏ ସାତଦରିଆ ତେର ନଈ ପାରି ହୋଇ ଆସିଥିବା ବେପାରୀ ଶାସକଦଳ।




ସେତେବେଳେ ଅସହଯୋଗ ଆନ୍ଦୋଳନର ନିଶା ସମସ୍ତଙ୍କୁ ଘାରିଥାଏ। ଦିନକର କଥା। ସ୍ୱାଧୀନତା ସଂଗ୍ରାମ ସୈନିକ ସଦନର ସଦସ୍ୟମାନେ ରାତି ପାହିବା ପୂର୍ବରୁ କଣାସ ନିକଟବର୍ତ୍ତୀ ଦୟାନଦୀ ନିକଟରେ ପହଞ୍ଚିବାକୁ କୁହାଯାଇଥିଲା। ସେହି କ୍ୟାମ୍ପରୁ ଅସହଯୋଗ ଆନ୍ଦୋଳନର ନୂତନ ପର୍ଯ୍ୟାୟ ଆରମ୍ଭ ହେବ ବୋଲି କୁହାଯାଇଥିଲା। ଆଖିରେ ଆଖିଏ ନିଦ। ଅବଶ ହୋଇପଡ଼ିଲାଣି ସଂଗ୍ରାମୀଙ୍କ ଶରୀର। କାହାର କାହାର ଗୋଡ଼ ଖଣ୍ଡିଆ ହୋଇ ଛୁଟିଲାଣି ରକ୍ତଧାର। ଖୁବ୍ ଦୂରରୁ ଦେଖାଯାଉଛି କଣାସର ନଦୀକୂଳ ବରଗଛ। ସଭା ପାଇଁ ସେଠାରେ ଚାଲିଛି ପ୍ରସ୍ତୁତି। ଲାଠି, ବେଡ଼ିକୁ ଖାତିର ନାହିଁ। ରାତି ଅନିଦ୍ରା ହୋଇ ବହୁ ପଥ ଅତିକ୍ରମ କରି ଆସିଥିବା ୫ ଜଣଙ୍କୁ ଦିଆଗଲା ପିକେଟିଂ ଦାୟିତ୍ୱ। ସେହି ନିଃସଙ୍ଗ ବାନରସେନାର ସେନାପତିତ୍ୱ ଗ୍ରହଣ କରିଥାନ୍ତି ସଦନର ସବଳ, ବପୁବାନ୍, ତେଜସମ୍ପନ୍ନ ସଂଗ୍ରାମୀମାନେ। ଲକ୍ଷ୍ୟ ଥିଲା ପିକେଟିଂ। ଜାତୀୟ ସଙ୍ଗୀତ ଆବୃତ୍ତି ଏବଂ ହସ୍ତଶୋଭିତ ତ୍ରିରଙ୍ଗା ପତାକାର ଲହରୀଳ ନୃତ୍ୟ। ତା' ପରେ କର୍ତ୍ତବ୍ୟନିଷ୍ଠ ବ୍ରିଟିଶ ପୁଲିସ ଏବଂ ବାନରସେନା ଭିତରେ ବେଶ୍ ଉପଭୋଗ୍ୟ ଖଣ୍ଡଯୁଦ୍ଧ। ହାତରେ ବେଡ଼ି, ଅଣ୍ଟାରେ ଦଉଡ଼ି, କଣ୍ଠରେ ଜାତୀୟ ସଙ୍ଗୀତର ଆବୃତ୍ତି। ପତାକାଟା କିନ୍ତୁ ପୁଲିସ ବୁଟ୍ ତଳେ ଛିନ୍ନଭିନ୍ନ ହୋଇ ସୁଦ୍ଧା ଶୋଭା ପାଉଥିଲା ପଣ୍ଡିତ ଶ୍ରୀ ମିଶ୍ରଙ୍କ ମସ୍ତକରେ।

୧୯୩୧ ମସିହାରେ ଅନୁଷ୍ଠିତ 'ଲବଣ ସତ୍ୟାଗ୍ରହ'ରେ ପଣ୍ଡିତ ମିଶ୍ରଙ୍କ ସମେତ ସଦନର ସଦସ୍ୟମାନେ ସାମିଲ ହୋଇ ଲୁଣ ମାରିବାକୁ ଯାଇଥିବା ବେଳେ ଇଂରେଜ ସରକାରଙ୍କ ଅକଥନୀୟ ଅତ୍ୟାଚାରର ଶିକାର ହୋଇଥିଲେ। ତତଲା ବାଲିରେ ସ୍ଲେଜ୍ ଗାଡ଼ି ଭଳି ଘୋଷରା ଖାଇବାକୁ ପଡ଼ିଥିଲା ସେମାନଙ୍କୁ। ମଝିରେ ମଝିରେ ଦିଆଯାଉଥିଲା ଲାଠି ଓ କୋରଡ଼ାରେ ପ୍ରହାର। ପିଇବାକୁ ପାଣି ବଦଳରେ ଦିଆଯାଉଥିଲା ପରିଶ୍ରା। ପୁଲିସ ଭ୍ୟାନରେ ଆଳୁବସ୍ତା ପରି ଭର୍ତ୍ତି କରି ସଂଗ୍ରାମୀଙ୍କୁ ପ୍ୟାକ୍ କରି ନିଆଯାଉଥିଲା। ପରେ ଭ୍ୟାନ ଛୁଟୁଥିଲା ପୁରୀ ଆଡ଼କୁ। ପୁରୀ ପୁଲିସ ହାଜତରେ ବିନା ଖାଦ୍ୟ ଓ ପାଣିରେ ରହିବାକୁ ପଡ଼ିଲା ସେମାନଙ୍କୁ ସପ୍ତାହକ ପର୍ଯ୍ୟନ୍ତ। ଏହି ସମୟରେ ସଦନର ସଦସ୍ୟମାନେ ମରିବୁ ପଛେ, ହାରିବୁ ନାହିଁ ବୋଲି ଶପଥ ନେଇଥିଲେ। 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'ର ପ୍ରେରଣା କ୍ରମେ ଏହାର ସଦସ୍ୟମାନେ ଗଭୀର ଅନୁରକ୍ତି ସହ ଅଭେଦ୍ୟ ମମତା ଏବଂ ଅତୁଟ ସ୍ନେହରେ ସମସ୍ତଙ୍କୁ ବାନ୍ଧି ରଖିଥିଲେ।

ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ଗୋକୁଳମୋହନ ରାୟଚୁଡ଼ାମଣି ଓ କୁନ୍ଦନ ରାମ୍ ପ୍ରମୁଖ ମଧ୍ୟ ସଦନକୁ ସୁଦୃଢ଼ କରିବାକୁ କେତେକାଂଶରେ ସହଯୋଗ କରିଥିଲେ। ବିଦ୍ରୋହୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ଉଦ୍ଦେଶ୍ୟରେ ଜମିଦାର ପରମ୍ପରାର ଅନେକ ପରିବାରର ସଦସ୍ୟଙ୍କୁ ବାଜପୁର ଅଣାଯାଇ ସଦନରେ ସାମିଲ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସଦନର ସଦସ୍ୟମାନେ ସଂଗୃହୀତ ଲୁହାରେ ଖଣ୍ଡା, ଢାଲ, ବର୍ଛା, ତୀର ଆଦି ତିଆରି କରୁଥିଲେ। ଏହି ବିପ୍ଳବୀଙ୍କ ହାତରେ ଏତେ ପରିମାଣର ଅସ୍ତ୍ରଶସ୍ତ୍ର ଦେଖି ଇଂରେଜ ସେନାପତିମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ସଦନର ସଦସ୍ୟମାନେ ବିଭିନ୍ନ ଅଞ୍ଚଳର ବିପ୍ଳବୀଙ୍କୁ ଅଧିକାଂଶ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଥିବା ଇଂରେଜମାନେ ଜାଣିବାକୁ ପାଇବାରୁ ସଦନର ସଦସ୍ୟଙ୍କୁ ଟାଣି ଟାଣି ଜେଲ୍ ହାଜତକୁ ନେଇଥିଲେ।

ଲବଣ ସତ୍ୟାଗ୍ରହରେ ସାମିଲ ହୋଇ ୧୯୪୨ ନଭେମ୍ବର ୧୬ରେ ସଦନର ସଦସ୍ୟମାନେ ଖୋର୍ଦ୍ଧା ଓ ପାଟଣା କ୍ୟାମ୍ପ ଜେଲ୍‌ରେ ବନ୍ଦୀ ଜୀବନ ବିତାଇ ଥିବାର ନଜିର ରହିଛି। ବାଜପୁରରେ ପ୍ରତିଷ୍ଠିତ 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ' ସାରା ରାଜ୍ୟରେ ବାନରସେନାର ପ୍ରାଣକେନ୍ଦ୍ର ଭାବେ ଅଜସ୍ର ପ୍ରଶଂସା ସାଉଁଟିଥିଲା। ସୈନିକ ସଦନର ନିଷ୍ପତ୍ତି କ୍ରମେ ୧୯୪୭ରେ ଖଦଡ଼ ଓ ଧୋତି ପରିଧାନ କରି ଏହାର ସଦସ୍ୟମାନେ ହାତରେ ତ୍ରିରଙ୍ଗା ଧରି ଗାଁକୁ ଗାଁ ବୁଲିଲେ। ୧୯୫୩ରେ ଭୂତପୂର୍ବ ଅର୍ଥ ଓ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ମୂର୍ତ୍ତି ସ୍ଥାପନ ସମିତିର ସହକାରୀ ସମ୍ପାଦକ ଉଦୟନାଥ ଷଡ଼ଙ୍ଗୀ ପ୍ରମୁଖ ଏହି ସଦନ ପରିଦର୍ଶନରେ ଆସି ବାନରସେନାଙ୍କ କାର୍ଯ୍ୟରେ ବିମୋହିତ ହୋଇଥିଲେ। ସେହିପରି ୧୯୫୭ରେ ଭୂତପୂର୍ବ ଶିକ୍ଷ ଓ ବାଣିଜ୍ୟ ମନ୍ତ୍ରୀ ହରିହର ପଟେଲ, ୧୯୫୯ରେ ତତ୍କାଳୀନ ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ ଉଦୟଚନ୍ଦ୍ର ଅଗ୍ରୱାଲା, ୧୯୬୧ରେ ତତ୍କାଳୀନ ରାଜ୍ୟପାଳ ଯଶୋବନ୍ତ ନାରାୟଣ ସୁକଠଣକର୍, ୧୯୬୭ରେ ଖ୍ୟାତନାମା କବି ଡ. ମାୟାଧର ମାନସିଂହ ପ୍ରମୁଖ ଏହି ସଦନ ପରିଦର୍ଶନ କରି ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ। ସେହିପରି ୧୯୬୪ ମସିହାରେ ଭୂତପୂର୍ବ ବାଚସ୍ପତି ନୀଳକଣ୍ଠ ଦାସ, ସର୍ବଭାରତୀୟ କଂଗ୍ରେସ କମିଟି ପ୍ରବକ୍ତା କେ. କାମରାଜ୍ ପ୍ରମୁଖ ଚିନ୍ତାମଣି ମିଶ୍ରଙ୍କ ନିମନ୍ତ୍ରଣ କ୍ରମେ ଏହି ସଦନ ପରିଦର୍ଶନ କରିଥିଲେ। ସର୍ବୋପରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ୧୯୬୭ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାଜପୁର ଆସିଥିବାବେଳେ ଏହି ସଦନକୁ ଆସିଥିବା ଇତିହାସ ଅବଲୋକନ କଲେ ଜଣାପଡ଼େ।

ଅନ୍ୟପକ୍ଷରେ ସୈନିକ ସଦନ ହିଁ ସଂଗ୍ରାମୀଙ୍କୁ ସାରସ୍ୱତ ସାଧନା ପାଇଁ ପ୍ରବର୍ତ୍ତାଇଥିଲା। ଏହାର ଫଳସ୍ୱରୂପ ୧୯୬୧ରେ ପଣ୍ଡିତ ମିଶ୍ର 'ଚିଲିକା ଦର୍ଶନ', 'ଭୋଟର ଭାବନା', 'ସାମୟିକୀ' ଓ 'ଦଶଦିଗ' ଆଦି କାବ୍ୟ ରଚନା କରି ସାହିତ୍ୟ ଆକାଶକୁ ଋଦ୍ଧିମନ୍ତ କରିଥିଲେ। ୧୯୬୭ରେ ପାଟଣା ମହାରାଜା ତଥା ନୂତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରୟଣ ସିଂହଦେଓଙ୍କ ସମ୍ପର୍କରେ ଲିଖିତ 'ପୁଣ୍ୟଶ୍ଲୋକ' ଆତ୍ମପ୍ରକାଶ କରିଥିଲା। ତେବେ ସେ ଯାହହେଉ, ୮୬ ବର୍ଷ ବୟସରେ ପହଞ୍ଚିଥିବା ସୈନିକ ସଦନ ଆଜି ବି ସଗର୍ବେ ମୁଣ୍ଡ ଟେକି ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଆସୁଛି।

ଟ୍ରଷ୍ଟି,
ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ, ବାଜପୁର
ମୋ: ୯୭୭୮୫-୨୨୮୮୨

# ଆସ ବହିଟିଏ କିଣିବା

**ରବିନ୍ଦ୍ରନାଥ ବାହିନୀପତି**



ବହି ପରି ବନ୍ଧୁ ନାହିଁ ଏ ସଂସାରେ,
ବହି ସାଥେ ବନ୍ଧୁ ବାନ୍ଧିବା
ବହିର ଆଦର ବଡ ହିତକର
ଆସ ବହିଟିଏ କିଣିବା।୧।
ବହି ତ ଅପାର ଜ୍ଞାନର ଭଣ୍ଡାର
ପଢିଲେ ଜ୍ଞାନ ବଢାଇବା,
ଜ୍ଞାନ ଆହରଣ କଲେ ସିନା ଆମେ
ସବୁଠି ସମ୍ମାନ ପାଇବା।୨।
ସବୁ ଭାଷା ଆମେ ଶିଖିବା ହେଲେ ବି
ମାତୃଭାଷାକୁ ନଭୁଲିବା,
ଆମ ମାତୃଭାଷା ସବୁଠୁ ମଧୁର,
ତାହାକୁ ଉନ୍ନତ କରିବା।୩।
ଭାଷା ଉନ୍ନତିରେ ଜାତିର ଉନ୍ନତି
ଏକଥା ମନରେ ହେଜିବା,
ଅର୍ଥ ତୁଳନାରେ ବହି ତ ଅମୂଲ୍ୟ
ଆସ ବହିଟିଏ କିଣିବା।୪।
ଓଡିଆ ପକ୍ଷରେ ବହିର ମହତ୍ତ୍ୱ
ବୁଝି ଜାଗରଣ ଆଣିବା,
ସରକାରଙ୍କର ଆହ୍ୱାନକୁ ଆମେ
ସମ୍ମାନ ହୃଦୟରୁ ଦେବା।୫।
ବହିର ସ୍ଥାନକୁ ନେଇ କି ପାରିବ
ମୋବାଇଲ୍ ଫୋନ୍ ଅବା,
ଭୁଲିଯିବା ନାହିଁ ବହିର ସୁଗନ୍ଧ
ବହି ପ୍ରତି ଧ୍ୟାନ ଦେବା।୬।
ଗୁଗୁଲ,ୟୁଟ୍ୟୁବ ଆଉ ସ୍ମାର୍ଟ ଫୋନ୍
ପଛରେ ପାଗଳ ଯୁବା,
ବହିର ଦୁର୍ଦ୍ଦଶା ଦେଖି ଦେଖି ଦିନେ
କପାଳରେ ହାତ ଦେବା।୭।
ବହି ଦୋକାନରେ ଗହଳି ନଦେଖି,
ଦୋକାନୀ ହୁଅଇ କାବା,
ଆସ ପୁଣିଥରେ ପାଠକଟେ ହୋଇ
ବହି ପାଶେ ଫେରିଯିବା।୮।



ରାଇଘର

# ବନ୍ଧୁ ପରି ଅଛି କିଏ ?

**ଶ୍ୟମା ପ୍ରସାଦ ବୋଷ୍**



ନିଃସ୍ୱାର୍ଥ ଭାବରେ ଅତୀବ ମଧୁରେ
ସମ୍ପର୍କ ବାନ୍ଧଇ ଯିଏ
ସୁଖରେ, ଦୁଃଖରେ, ହସରେ,କାନ୍ଦରେ
ସାଥେ ରହିଥାଏ ସିଏ । ୧

ବିପଦ ବେଳାରେ ଥାଏ ଯେ ପାଖରେ
ସାହାସର ଉତ୍ସ ଟିଏ
ବନ୍ଧୁର ଦୁଃଖରେ ଲୁହ ଯାର ଝରେ
ବନ୍ଧୁ ପରା ଅଟେ ସିଏ । ୨

ଉତ୍ସବ ମୁଖରେ ଅବା ବ୍ୟସନରେ
ସମ୍ପର୍କର ସେତୁ ଟିଏ
ଦୁର୍ଭିକ୍ଷ ବେଳାରେ ରାଷ୍ଟ୍ର ବିପ୍ଳବରେ
ପାଖେ ପାଖେ ଥାଏ ସିଏ ୩

ରାଜ ଦରବାରେ ଶ୍ମସାନ ଭୂଇଁରେ
ଉପସ୍ଥିତ ଥାଏ ଯିଏ
ସ୍ରଷ୍ଟାଙ୍କ ସୃଷ୍ଟିରେ ଶ୍ରେଷ୍ଠ ସଂମ୍ପର୍କରେ
ବନ୍ଧୁ ଆପଣାଇ ନିଏ । ୪

ଶାଶ୍ୱତ ପ୍ରେମରେ ବାନ୍ଧି ରଖିବାରେ
ସମ୍ପର୍କର ସୂତା ଖିଏ
ଧନୀ ଗରିବରେ ପାର୍ଥକ୍ୟ ନଧରେ
ବନ୍ଧୁତ୍ୱ ସମ୍ପର୍କ ଇଏ । ୫

ବନ୍ଧୁ ମିଳନରେ ପାଇ ସେ ପାଖରେ
ବନ୍ଧୁକୁ କୋଳେଇ ନିଏ
ଅତୀତ ସ୍ମୃତିରେ ସ୍ମୃତି ଚାରଣରେ
ମନକୁ ହଜାଇ ଦିଏ । ୬

ଆପଣା ପଣରେ ଥଟ୍ଟା ମଜା କରେ
ଖୁସିର ଆସରେ ଯିଏ
କଥା ପ୍ରସଙ୍ଗରେ ମୁଖେ ହସ ଭରେ
କୌତୁକ କଥାରେ ସିଏ । ୭

ଉଦାହରଣ ରେ କୃଷ୍ଣ ସୁଦାମା ରେ
ସମ୍ପର୍କ ବାନ୍ଧଇ ଯିଏ
ଦୃଢ ବିଶ୍ୱାସରେ ଆପଣାର କରେ
ଅମ୍ଳାନ ସମ୍ପର୍କ ଟିଏ । ୮

ଏ ଧରା ଧାମରେ ସ୍ୱର୍ଗୀୟ ସୁଖରେ
ଚିର ପ୍ରତିଭାତ ଯିଏ
ବନ୍ଧୁ ସଂମ୍ପର୍କରେ ନିଦର୍ଶନ ଭରେ
ସୁଖ, ଦୁଃଖ ବାଣ୍ଟି ଦିଏ । ୯

ନିଃସ୍ୱାର୍ଥ ଭାବରେ ଭଲ ପାଇବାରେ
ବନ୍ଧୁତ୍ୱ ସମ୍ପର୍କ ଟିଏ
ଶ୍ରେଷ୍ଠତ୍ୱ ଭିତ୍ତିରେ ପ୍ରମାଣିତ କରେ
ବନ୍ଧୁ ପରି ଆଉ କିଏ ? । ୧୦
(ସେ) ବନ୍ଧୁ ପରି ଆଉ କିଏ ?

ଗ୍ରାମ : - ବେଗୁନିଆଁ, ମଲ୍ଲୀକ୍ ସାହି
ପୋଷ୍ଟ : - ଗୋପ୍, ଜିଲ୍ଲା : - ପୁରୀ

# ଯୁବଶକ୍ତି ହିଁ ଦେଶର ଭବିଷ୍ୟତ

**ଜଗନ୍ନାଥ ନାୟକ**




"ଯୁବପିଢ଼ି "ଅର୍ଥାତ ଉଭୟ ଯୁବକ ଓ ଯୁବତୀ ଯେକୌଣସି ଦେଶର ସବୁଠାରୁ ବଡ଼ ସମ୍ପତ୍ତି । ସେଥିପାଇଁ କୁହାଯାଏ "ୟଙ୍ଗ ଇଜ ପ୍ରସ୍ପରିଟି "। ଅର୍ଥାତ ସମୃଦ୍ଧି,ଉନ୍ନତି ଓ ସୌଭାଗ୍ୟ ବା ଆର୍ଥିକ ସ୍ୱଚ୍ଛଳତା । ଯେଉଁଠାରେ ବ୍ୟକ୍ତି କିମ୍ବା ସମାଜ ସଫଳତା,ଧନ ଏବଂ ଖୁସି ସହିତ ଜୀବନ ବିତାଉଥାନ୍ତି । ଏହା କେବଳ ଧନ ସମ୍ପତ୍ତି ନୁହଁ ବରଂ ଶାନ୍ତି, ସ୍ୱାସ୍ଥ୍ୟ ଏବଂ ସାମାଜିକ ବିକାଶକୁ ମଧ୍ୟ ସୂଚିତ କରେ । ଏହାର ମୁଖ୍ୟ ଦିଗ ଗୁଡିକ ହେଲା : ୧-ଆର୍ଥିକ ଉନ୍ନତି(ଧନୀ ହେବା ,ଅଧିକ ରୋଜଗାର କରିବା ଓ ବ୍ୟବସାୟିକ ସଫଳତା ), ୨-ସୌଭାଗ୍ୟ ଓ ସୁଖ (ଜୀବନର ଭଲ ସମୟ ଅର୍ଥାତ ଶୁଖ ଓ ଶାନ୍ତିରେ ରହିବା ), ୩-ବିକାଶ (ସମାଜ ବା ଦେଶର ଅର୍ଥନୈତିକ ବୃଦ୍ଧି )। "ସହଜ ଭାଷାରେ କହିଲେ ଉନ୍ନତ ଓ ସୁଖମୟ ଜୀବନ ଶୈଳୀ "।ଏଥିରେ ପ୍ରଥମ ଦେଶ ଓ ପରେ ବ୍ୟକ୍ତି । ଦେଶର ଉନ୍ନତ ଓ ସମୃଦ୍ଧ ହେଲେ ବ୍ୟକ୍ତିର ସର୍ବାଙ୍ଗୀନ ବିକାଶ ଘଟେ । ଶକ୍ତି,ଉତ୍ସାହ,ସୃଜନଶୀଳତାର ସ୍ୱପ୍ନ ଦେଖୁଥିବା ଯୁବଗୋଷ୍ଠୀ ଦେଶ ସମୃଦ୍ଧିର ମୂଳଶକ୍ତି ।ସେଥିପାଇଁ କୁହାଯାଏ "ଯୁବଶକ୍ତି ହିଁ ଦେଶର ଭବିଷ୍ୟତ "।

ଯୁବଗୋଷ୍ଠୀ ହିଁ ଦେଶର କାର୍ଯ୍ୟଶୀଳ ଶକ୍ତି । ଶିକ୍ଷା,ଶିଳ୍ପ,କୃଷି,ବିଜ୍ଞାନ ,ପ୍ରଯୁକ୍ତି ଆଦି କ୍ଷେତ୍ରରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଓ ଅପରିହାର୍ଯ୍ୟ । ନୂତନ ଚିନ୍ତାଧାରା ଓ ଆବିଷ୍କାର ମାଧ୍ୟମରେ ଦେଶକୁ ଆଗକୁ ଆଗକୁ ନେଇଯାଆନ୍ତି ସେମାନେ । ଯୁବଗୋଷ୍ଠୀଙ୍କ ଉଦ୍ୟମ ଓ ନୂତନତ୍ୱ ହିଁ ମଜବୁତ କରେ ଦେଶର ଅର୍ଥନୀତିକୁ । ଯୁବଗୋଷ୍ଠୀ ହିଁ ଥାଆନ୍ତି ସମାଜ ପାରିବର୍ତ୍ତନର ଆଗଧାଡ଼ିରେ । ଅନ୍ୟାୟ,ଅସମତା ଓ ଅନୀତି ବିରୋଧରେ ସ୍ୱର ଉତ୍ତୋଳନ କରନ୍ତି ସେମାନେ । ଇତିହାସ କହେ , ବହୁ ସାମାଜିକ ଓ ରାଜନୈତିକ ପାରିବର୍ତ୍ତନରେ ମୁଖ୍ୟ ଭୂମିକା ନିଭେଇଥାନ୍ତି ଯୁବଗୋଷ୍ଠୀ । ନୂତନ ଦୃଷ୍ଟିକୋଣ ନେଇ ସମାଜକୁ ଆଗକୁ ନେଇଯାଆନ୍ତି ସେମାନେ । ଯୁବଗୋଷ୍ଠୀ ଦେଶର ସଂସ୍କୃତି ଓ ମୂଲ୍ୟବୋଧର ବାହକ । ପୁରାତନ ପରମ୍ପରାକୁ ସଂରକ୍ଷଣ କରି ଆଧୁନିକ ରୂପ ଦେଇଥାନ୍ତି ସେମାନେ । ଫଳରେ ଦେଶର ପରିଚୟ ସଶକ୍ତ ହୋଇ ଆଗକୁ ବଢେ । ଅନ୍ୟପକ୍ଷରେ ଆଜିର ଯୁବବର୍ଗ କେତେକ ସମସ୍ୟାରେ ସମ୍ମୁଖୀନ ହୋଇଥାନ୍ତି ଯଥା : ବେକାରି, ନିଶାଶକ୍ତ, ଦିଗଭ୍ରଷ୍ଟ ଓ ନୈତିକ ମୂଲ୍ୟବୋଧର ଅଭାବ । ଯଥା ସମୟରେ ଯଦି ଏସବୁ ସମସ୍ୟାର ସମାଧାନ କାରା ନ ଯାଏ ,ତେବେ ଦେଶର ଭବିଷ୍ୟତକୁ ପ୍ରଭାବିତ କରିବ ନିଶ୍ଚୟ ଏଥିରେ ଦ୍ୱିରୋକ୍ତି ନାହିଁ । ଏଥିନିମନ୍ତେ ସରକାର ଓ ସମାଜ ଯୁବଶକ୍ତିକୁ ସଠିକ ଶିକ୍ଷା,ନୈତିକ ମୂଲ୍ୟବୋଧ ଓ ରୋଜଗାରର ସୁଯୋଗ ଯୋଗାଇଦେବା ସଙ୍ଗେ ସଙ୍ଗେ ଉତ୍ତମ ପରିଚାଳନା କରିବା ଆବଶ୍ୟକ । ଯୁବଗୋଷ୍ଠୀ ଯଦି ସଠିକ ଦିଗରେ ନେତୃତ୍ୱ ପାଆନ୍ତି ଦେଶର ଭବିଷ୍ୟତକୁ ସୁନା କରି ଗଢ଼ି ପାରିବେ । ଯୁବଶକ୍ତିକୁ ସଠିକ ମାର୍ଗଦର୍ଶନ ଓ ସୁଯୋଗ ଦେବା ସଙ୍ଗେ ସଙ୍ଗେ ଉତ୍ତମ ପରିଚାଳନା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । "ଯୁବଶକ୍ତି ସୁଦୃଢ଼ ହେଲେ ଦେଶ ହେବ ସମୃଦ୍ଧ ଓ ଶକ୍ତିଶାଳୀ "।

ସରିଫ୍ ପୁର, ଭଦ୍ରକ
ମୋ :୯୯୩୭୯୨୨୬୨୫

# ରାତିରେ ବାରମ୍ବାର ନିଦ ଭାଙ୍ଗୁଛି କି ?

ସୁସ୍ଥ ଶରୀର ପାଇଁ ସାତରୁ ଆଠ ଘଣ୍ଟା ନିଦ ଜରୁରୀ। ପ୍ରାୟତଃ ଦେଖାଯାଇଛି ଯେ ଅନେକ ଲୋକଙ୍କ ରାତିରେ ଅନେକ ଥର ନିଦ ଭାଙ୍ଗିଥାନ୍ତି। ଚିକିତ୍ସା ବିଜ୍ଞାନରେ ଏହି ଅବସ୍ଥାକୁ 'ନିଦ୍ରା ବିଭାଜନ' କୁହାଯାଏ। ଅଧିକାଂଶ ଲୋକ ରାତିରେ ନିଦ ଭାଙ୍ଗିବା ସାଧାରଣ ଚାପ କିମ୍ବା ତୃଷା ପରି ଏକ ଛୋଟ ସମସ୍ୟା ବୋଲି କୁହନ୍ତି କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ ଏହି ଅଭ୍ୟାସ ଆପଣଙ୍କ ଶରୀର ଭିତରେ



ଗମ୍ଭୀର ରୋଗର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ। ବାରମ୍ବାର ନିଦ ଭାଙ୍ଗିବା କେବଳ ଆପଣଙ୍କ ମାନସିକ ଏକାଗ୍ରତାକୁ ପ୍ରଭାବିତ କରେ ନାହିଁ। ଯେତେବେଳେ ଆପଣ ଗଭୀର ନିଦ ପାଆନ୍ତି ନାହିଁ ଆପଣଙ୍କ ଶରୀର ନିଜକୁ ମରାମତି କରିବା ପାଇଁ ସମୟ ପାଏ ନାହିଁ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ କରିଦିଏ ଏବଂ ଆପଣଙ୍କୁ ସଂକ୍ରମଣ ଏବଂ ରୋଗ ପ୍ରତି ଅଧିକ ସମ୍ବେଦନଶୀଳ କରିଥାଏ।

# ଭାରତକୁ ସବଷ୍ଟ୍ରେଟ୍ ଉତ୍ପାଦନ ପ୍ରଯୁକ୍ତି ଆଣିବା ପାଇଁ ଓଡ଼ିଶା ସରକାର ଏବଂ ଇଣ୍ଟେଲ୍ ଓ ୩ଡିଜିଏସ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ



ଭୁବନେଶ୍ୱର : ଓଡ଼ିଶାରେ ଏକ ଉନ୍ନତ ପ୍ୟାକେଜିଂ ଗ୍ଲାସ୍ କୋର୍ ସବଷ୍ଟ୍ରେଟ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ଏକ ଢାଞ୍ଚା ସ୍ଥାପନ କରିବା ଲାଗି ଓଡ଼ିଶା ସରକାର, ଇଣ୍ଟେଲ୍ କର୍ପୋରେସନ୍ ଏବଂ ୩ଡିଜିଏସ୍, ୟୁଏସଏ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପ୍ରକଳ୍ପ ଦେଶର ସର୍ବବୃହତ ଉଚ୍ଚ - ପ୍ରଯୁକ୍ତି ଉତ୍ପାଦନ ନିବେଶ ମଧ୍ୟରୁ ଗୋଟିଏକୁ ପ୍ରତିନିଧିତ୍ୱ କରେ। ଏହି ୟୁନିଟ୍ ଭୁବନେଶ୍ୱର - ଖୋର୍ଦ୍ଧା ମଧ୍ୟରେ ସ୍ଥାପିତ ହେବାର ପ୍ରସ୍ତାବ ରହିଛି।

କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଇଣ୍ଟେଲ୍ର ସିଇଓ ଲିପ୍-ବୁ ଟାନ୍ ଏବଂ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

ଏହି ଐତିହାସିକ ବୁଝାମଣାପତ୍ର ସ୍ୱାକ୍ଷର ଭାରତରେ ସେମିକଣ୍ଡକ୍ଟର ଉତ୍ପାଦନର ସମ୍ପୂର୍ଣ୍ଣ ଇକୋସିଷ୍ଟମ ବିକାଶ କରିବା ପାଇଁ ସରକାରଙ୍କ ଦୃଷ୍ଟିକୋଣ ସହିତ ସମନ୍ୱିତ ବୋଲି କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଆପ୍ଲାଏଡ୍ ମ୍ୟାଟେରିଆଲ୍ସ ଇନକର୍ପୋରେଟେଡ୍, ଲାମ୍ ରିସର୍ଚ୍ଚ, ଟୋକିଓ ଇଲେକ୍ଟ୍ରନ୍ ଲିମିଟେଡ୍, ମର୍କ ଇଲେକ୍‌ଟ୍ରୋନିକ୍ସ ଭଳି ଫାର୍ମଗୁଡ଼ିକର ପ୍ରବେଶ ଦେଶରେ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରକୁ ସୁଦୃଢ଼ କରୁଛି। ଟାଟା ଇଲେକ୍‌ଟ୍ରୋନିକ୍ସ ଏବଂ ଡଚ୍ ବହୁରାଷ୍ଟ୍ରୀୟ ଏଏସଏମଏଲ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ସେମିକଣ୍ଡକ୍ଟର କ୍ଷେତ୍ରରେ ସରକାରଙ୍କ ପ୍ରୟାସ ଏବଂ ଭାରତରେ ଉଦ୍ୟୋଗ ପ୍ରତି ଯେଉଁ ବିଶ୍ୱାସ ରହିଛି ତାହାର ସ୍ୱୀକୃତିକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି।

ପ୍ରସ୍ତାବିତ ପ୍ରକଳ୍ପଟି ପାଞ୍ଚ - ଛଅ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ। ଏହା ବ୍ୟାପକ ଉତ୍ପାଦନ ଏବଂ ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମରେ ଗୁରୁତ୍ୱପୂର୍ଣ୍ଣ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବା ସହିତ ପ୍ରତ୍ୟକ୍ଷ ଉଚ୍ଚ-କୁଶଳୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା ରହିଛି।

ଏହି ୟୁନିଟ୍ ଉନ୍ନତ ପ୍ୟାକେଜିଂ ଗ୍ଲାସ୍ କୋର୍ ସବଷ୍ଟ୍ରେଟ୍, ଉଚ୍ଚ-ଘନତାସମ୍ପନ୍ନ ଇଣ୍ଟରକନେକ୍ଟ ସବଷ୍ଟ୍ରେଟ୍ ଏବଂ ସମ୍ବନ୍ଧିତ ସେମିକଣ୍ଡକ୍ଟର ପ୍ରଯୁକ୍ତିବିଦ୍ୟା ଉପରେ ଧ୍ୟାନ ଦେବ, ଯେଉଁଥିରେ ଇଣ୍ଟେଲ ପ୍ରଯୁକ୍ତିବିଦ୍ୟା ଜ୍ଞାନକୌଶଳ ଏବଂ ପ୍ରକ୍ରିୟା ବିଶେଷଜ୍ଞତାକୁ ଉପଯୋଗ କରାଯିବ। ଏହା ଭାରତର ଦକ୍ଷତା ବିକାଶ, ଇକୋସିଷ୍ଟମ ଅଭିବୃଦ୍ଧି ଏବଂ ରପ୍ତାନି-ମୁଖୀ ଉତ୍ପାଦନ କ୍ଷେତ୍ରରେ ଯୋଗଦାନ ଦେବ ବୋଲି ଆଶା କରାଯାଉଛି।

ଏହି ପଦକ୍ଷେପ ଘରୋଇ ଉତ୍ପାଦନ, ଡିଜାଇନ୍ ଇକୋସିଷ୍ଟମ ଏବଂ ଯୋଗାଣ ଶୃଙ୍ଖଳା କ୍ଷମତାକୁ ସୁଦୃଢ଼ କରିବା ପାଇଁ ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଚାଲିଥିବା ପ୍ରୟାସ ଉପରେ ଆଧାରିତ। ଏହା ଓଡ଼ିଶାକୁ ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ଡିଜିଟାଲ୍ ଭିତ୍ତିଭୂମି କ୍ଷେତ୍ରରେ ଉଦୀୟମାନ କେନ୍ଦ୍ର ମଧ୍ୟରେ ସ୍ଥାନିତ କରିବ ।

# ଋତୁସ୍ରାବ ଅଭିଶାପ ନୁହେଁ- ଏହା ମହିଳା ମାନଙ୍କର ସମ୍ମାନ



ଭୁବନେଶ୍ୱର : ଶିକ୍ଷା ଓ ସଚେତନତାର ଅଭାବ ଫଳରେ ମାସିକ ଧର୍ମକୁ ନେଇ ଖୋଲାଖୋଲି ଆଲୋଚନା କରିବାକୁ ମହିଳା ଓ ଯୁବତୀମାନେ ସଙ୍କୋଚ କରୁଛନ୍ତି । ଋତୁସ୍ରାବ ହେଉଛି ଶରୀରର ଏକ ପ୍ରାକୃତିକ ପ୍ରକ୍ରିୟା । ଏହା ମହିଳା/ଯୁବତୀ ମାନଙ୍କର ସମ୍ମାନ ଅଟେ । ମାସିକ ଋତୁସ୍ରାବ ସମୟରେ ପରିଷ୍କାର ଓ ପରିଚ୍ଛନ୍ନତା ଅବଲମ୍ବନ ଜରୁରୀ ବୋଲି ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଅବକାଶରେ ଆକ୍ସନ ଏଡ୍ ଓ ସିସିଡବ୍ଲୁଡିର ମିଳିତ ଆନୁକୂଲ୍ୟରେ ୱାର୍ଡ ନଂ ୯ ଅଧିନସ୍ଥ ମଣ୍ଡପ ବସ୍ତିଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି ।

କୋଣଠେସା ହୋଇ ରହିଯାଉଥିବା ମହିଳା ଓ ଯୁବତୀମାନଙ୍କୁ ଋତୁସ୍ରାବ ସଂକ୍ରାନ୍ତୀୟ ସ୍ୱଚ୍ଛତାକୁ ବ୍ୟାପକ କରିବା ପାଇଁ ଭାସ୍କର ଚନ୍ଦ୍ର ପ୍ରଧାନ ମତବ୍ୟକ୍ତ କରିଥିଲେ । ଅନ୍ୟ ଅତିଥି ଭାବରେ ଆଶାଦିଦି ପ୍ରମିଳା ବେହେରା, କିଶୋରୀ ବାଳିକା ମାନଙ୍କ ବିକାଶ ନିମନ୍ତେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ । ସାନିଟାରୀ ପ୍ୟାଡ ଓ ଏହାର ସଠିକ ପରିଚାଳନାର ଆବଶ୍ୟକୀୟ ବ୍ୟବସ୍ଥା ଉପରେ ସ୍ନିଗ୍ଧା ଦାସ ଓ ସରସ୍ୱତୀ ପରିଡା ଆଲୋଚନା କରିଥିଲେ । ପ୍ରତ୍ୟେକ ମହିଳା ଓ ଯୁବତୀ ମାସିକ ଋତୁସ୍ରାବ ଉପରେ ଜାଣିବା ଓ ସୁସ୍ଥ ପରିବେଶ ଉପରେ ଅଙ୍ଗନୱାଡ଼ି କର୍ମୀ ଶାନ୍ତିଲତା ବେହେରା ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା କଲ୍ୟାଣୀ ରାଉତ ପ୍ରଦାନ କରିଥିବା ବେଳେ ସ୍ୱର୍ଣ୍ଣପ୍ରିୟା ସେନାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ଏକ ଶପଥ ପାଠ ଆୟୋଜିତ ହୋଇଥିଲା ଭୁବନେଶ୍ୱର ୟଙ୍ଗ ଅର୍ବାନ ଫୋରମ, ରୋଗୀ ଆରୋଗ୍ୟ ସମିତି ଓ ଅଣସଙ୍ଗଠିତ ଶ୍ରମିକ ମଞ୍ଚର ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ଶିବ ସାହୁ, ବିଷ୍ଣୁପ୍ରୀୟା ସାମଲ, ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ରାଜଧାନୀ ଡିଗ୍ରୀ କଲେଜର ସୋନାଲି ଓ ଆକାଂକ୍ଷା ସହଯୋଗ କରିଥିଲେ ।

# ଏବିଭିପିର ତିନିଦିନିଆ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକରେ ଶୁଭାରମ୍ଭ



ଭୁବନେଶ୍ୱର : ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ରାଷ୍ଟ୍ରୀୟ କାର୍ଯ୍ୟକାରୀ ବୈଠକର ଓଡିଶାର ଭୁବନେଶ୍ୱରରେ ଶୁଭାରମ୍ଭ ହୋଇଛି। ରାଷ୍ଟ୍ରୀୟ ଅଧ୍ୟାପକ ରଘୁରାଜ କିଶୋର ତିୱାରୀ, ରାଷ୍ଟ୍ରୀୟ ମହାମନ୍ତ୍ରୀ ଡଃ ବୀରେନ୍ଦ୍ର ସିଂହ ସୋଲାଙ୍କି ଏବଂ ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ଶ୍ରୀ ଆଶୀଷ ଚୌହାନ ଦୀପ ପ୍ରଜ୍ୱଳନ କରି, ବୈଠକରେ ଶୁଭାରମ୍ଭ କରିଥିଲେ। ରାଷ୍ଟ୍ରୀୟ କାର୍ଯ୍ୟକାରି ବୈଠକର ଉଦଘାଟନୀ ସତ୍ରକୁ ସମ୍ବୋଧିତ କରି ଏବିଭିପିର ରାଷ୍ଟ୍ରୀୟ ମହାମନ୍ତ୍ରୀ ଡଃ ବୀରେନ୍ଦ୍ର ସିଂହ ସୋଲାଙ୍କି କହିଥିଲେ, ଭୁବନେଶ୍ୱରରେ ଆୟୋଜିତ ଏହି ରାଷ୍ଟ୍ରୀୟ କାର୍ଯ୍ୟକାରି ବୈଠକରେ ଶିକ୍ଷା, ବିଶ୍ୱ ପରିପ୍ରେକ୍ଷ୍ୟ, କ୍ରୀଡା, ପରିବେଶ, ପ୍ରଯୁକ୍ତି ଏବଂ ଅନ୍ୟାନ୍ୟ ସମସାମୟିକ ବିଷୟ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଚର୍ଚ୍ଚା କରାଯିବ। ଗତକାଲି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ତ୍ରିଭାଷା ନୀତିକୁ ସମ୍ପୂର୍ଣ୍ଣ ଭାବେ ଲାଗୁ କରିବାର ନିଷ୍ପତି ଭାରତୀୟ ଶିକ୍ଷାର ସ୍ୱଦେଶୀକରଣ ଏବଂ ରାଷ୍ଟ୍ରୀୟ ଏକତାକୁ ସୁଦୃଢ଼ କରିବା ଦିଗରେ ଏକ ସକାରାତ୍ମକ ପଦକ୍ଷେପ। ଦେଶରେ ରୋଜଗାର ଓ ଉଚ୍ଚ ଶିକ୍ଷା ପାଇଁ ବଢୁଥିବା ଆନ୍ତର୍ରାଜ୍ୟ ପ୍ରବାସକୁ ଦୃଷ୍ଟିରେ ରଖି ଭାରତୀୟ ଭାଷା ଜ୍ଞାନ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ ଅତ୍ୟନ୍ତ ଉପଯୋଗୀ ହେବ। କୋଭିଡ ମହାମରୀ କାଳୀନ ସମୟରେ ପାଠ୍ୟପୁସ୍ତକର ଉପଲବ୍ଧତା ଓ ଶିକ୍ଷକ ଅଭାବ ପରି ବ୍ୟବହାରିକ ଆହ୍ୱାନ ସମାଧାନ ପାଇଁ ବୋର୍ଡ ପକ୍ଷରୁ ଦିଆଯାଇଥିବା ସମାଧାନ ପ୍ରଶଂସନୀୟ। ଏବିଭିପିର ମତ ହେଉଛି ଯେ ଭାଷା ଅଧ୍ୟୟନ ସହିତ ବୋର୍ଡ ପରୀକ୍ଷାକୁ ମଧ ତ୍ରି-ଭାଷା ବ୍ୟବସ୍ଥା ଅନୁଯାୟୀ ଆୟୋଜନ କରାଯିବା ଉଚିତ, ଯାହାଦ୍ୱାରା ଏହି ନୀତି ଅଧିକ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ ହୋଇପାରିବ। ଏହି ବୈଠକରେ ରାଷ୍ଟ୍ରୀୟ ଶିକ୍ଷା ନୀତିର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ, ଭାରତୀୟ ଭାଷାର ସମ୍ବର୍ଦ୍ଧନା ଏବଂ ତ୍ରି-ଭାଷା ନୀତିର ବିଭିନ୍ନ ପରିମାଣ ଉପରେ ବିସ୍ତୃତ ଆଲୋଚନା ହେବ। ନିଶ୍ଚିତ ଭାବରେ କ୍ରୀୟାନ୍ୱୟନ ପରେ ଏହି ନୀତି ଭାରତୀୟ ଭାଷାଗୁଡିକର ସୁଦୃଢ଼ୀକରଣ ଏବଂ ଭାଷାଗତ ବିବିଧତାର ସୁରକ୍ଷାରେ ଏକ ମାଇଲଖୁଂଟ ସାବ୍ୟସ୍ତ ହେବ। ଏବିଭିପି ଏହି ବିଷୟକୁ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ପରିବର୍ତନ ଓ ରାଷ୍ଟ୍ରିୟ ଏକାତ୍ମତାର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବେ ଦେଖୁଛି। ଏହି ସମ୍ପକରେ ଆବଶ୍ୟକ ପରାମର୍ଶ ଓ ଆଗାମୀ କାର୍ଯ୍ୟକାରି ଉପରେ ମଧ ବିଚାର କରାଯିବ।

# ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ଶିବିର ଅଦାଲତ ଅନୁଷ୍ଠିତ



ଢେଙ୍କାନାଳ :ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହ ଠାରେ ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ଶିବିର ଅଦାଲତ ଅନୁଷ୍ଠିତ ହୋଇଯାଇଛି ଓ ଯୌତୁକ ନିର୍ଯାତନା, ବୈବାହିକ ଜୀବନରେ କଳହ , ଶାରିରୀକ ନିର୍ଯାତନା,ସମ୍ପତ୍ତି ହେରଫେର , ଘରୋଇ ହିଂସା, ଯୌନ ନିର୍ଯାତନା, ନାବାଳିକା ଅତ୍ୟାଚାର ତଥା ମହିଳାମାନେ କୌଣସି ପ୍ରକାରର ଅନ୍ୟାୟ ଅତ୍ୟାଚାରରେ ପିଡ଼ିତ ହୋଇ ନିଜର ନ୍ୟାର୍ଯ୍ୟ ଅଧିକାରରୁ ବଂଚିତ ହେଲେ, ବିହିତ ପ୍ରତିକାର ପାଇଁ ସେମାନେ ଜିଲା ସମାଜ ମଙ୍ଗଳ ଅଧିକାରୀ ଅଥବା ଜିଲ୍ଲାପାଳ କିମ୍ବା ଆରକ୍ଷୀ ଅଧିକ୍ଷକଙ୍କ ଅବଗତ କରାଇବାକୁ ଏବଂ ଆବଶ୍ୟକ ସ୍ଥଳେ ମହିଳା କମିଶନଙ୍କ ଦ୍ୱାରସ୍ଥ ହେବାକୁ ଓଡ଼ିଶା ରାଜ୍ୟ ମହିଳା କମିଶନ ଅଧକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ପରାମର୍ଶ ଦେଇଛନ୍ତି । ଏହି ଶିବିରରେ କମିଶନ ଅଧକ୍ଷା ଶ୍ରୀମତୀ ଶୋଭାନା ମହାନ୍ତି ଏବଂ ସଦସ୍ୟା ଶ୍ରୀମତୀ ପ୍ରତିଭା ଶତପଥୀ ଘରୋଇ ହିଂସାର ଶିକାର ହୋଇଥିବା ୭ ଜଣ ମହିଳାଙ୍କ ଅଭିଯୋଗ ଶୁଣାଣି କରିଥିଲେ । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ସେଠି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଇନ୍ଦୁରେଖା ପଶ୍ଚିମକବାଟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସଂଗୀତା କୁମାରୀ ପାତ୍ର, ସୁରକ୍ଷା ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀମତୀ ପଙ୍କଜିନୀ କର ଏବଂ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି କେଶ୍ ସମାଧାନ ପାଇଁ ସହଯୋଗ କରିଥିଲେ ।

# ସାମୂହିକ କୁକୁର ଟିକାକରଣ ପାଇଁ ବିଏମ୍‌ସି ଜାତୀୟସ୍ତରରେ ସମ୍ମାନିତ

ଭୁବନେଶ୍ୱର :ଭୁବନେଶ୍ୱର ମହାନଗର ନିଗମକୁ ଜାତୀୟସ୍ତରରେ ମିଳିଲା ଆଉ ଏକ ସଫଳତା । ରାବିଜ୍ ମୁକ୍ତ ସହର ଗଠନ ନିମନ୍ତେ ବିଏମ୍ ସି ନେଇଥିବା ପଦକ୍ଷେପ ଏବଂ ସାମୂହିକ ଟିକାଦାନ ପଦ୍ଧତି ପାଇଁ ଜାତୀୟସ୍ତରରେ ସମ୍ମାନିତ ହୋଇଛି ବିଏମ୍‌ସି । ଦିଲ୍ଲୀଠାରେ ଅନୁଷ୍ଠିତ ଜଳାତଙ୍କ ମୁକ୍ତ ରାଜ୍ୟ ଗଠନ ସଂପର୍କିତ ଦୁଇ ଦିନିଆ (୨୮-୨୯) କର୍ମଶାଳାରେ ବିଏମ୍ ସିକୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଆଗାମୀ ଦିନରେ ରାଜ୍ୟକୁ ଜଳାତଙ୍କ ମୁକ୍ତ କରିବା ଦିଗରେ ଭାରତ ସରକାରଙ୍କ ପକ୍ଷରୁ ଏକ ଡ୍ରାଫ୍ଟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଅଛି । ସ୍ୱାସ୍ଥ୍ୟ, ପଶୁପାଳନ, ସିଡିସି(ଆଟଲାଣ୍ଟା) ଓ ମେଡିକାଲ, ପଶୁ ଚିକିତ୍ସା, ଜନସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହ ବିଭିନ୍ନ ରାଜ୍ୟର ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ ଶାସନ ସଂସ୍ଥା ଓ ମହାନଗର ନିଗମର ସଦସ୍ୟ ସଦସ୍ୟାମାନେ ଏହି କର୍ମଶାଳାରେ ଯୋଗଦେଇଥିଲେ । ଏହି କର୍ମଶାଳାର ଉଦ୍ଦେଶ୍ୟ ହେଉଛି ଆସନ୍ତା ୨୦୩୦ ସୁଦ୍ଧା ଭାରତକୁ ଜଳାତଙ୍କ ରୋଗମୁକ୍ତ କରିବା ଏବଂ ତଦନୁଯାୟୀ ରାଜ୍ୟସ୍ତରରୁ କାର୍ଯ୍ୟ ଯୋଜନାକୁ ସୁଦୃଢ଼ କରିବା । କାରଣ ରାବିଜ୍ ହେଉଛି ଏକ ମାରାତ୍ମକ ରୋଗ ଯେଉଁଥିରେ ଶତପ୍ରତିଶତ ମୃତ୍ୟୁ ହୁଏ । ନାଗରିକମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ତଥା ଭୁବନେଶ୍ୱରକୁ ରାବିଜ୍ ମୁକ୍ତ ସହର କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ପକ୍ଷରୁ ଏନ୍.ଏ.ପି.ଆର୍.ଇ ଅନୁଯାୟୀ ସାମୂହିକ କୁକୁର ଟିକାକରଣ (ଏମ୍ ଡି ଭି) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

# ମକା ମଣ୍ଡି ବ୍ୟବସ୍ଥା ନ ଥିବାରୁ ଚାଷୀ ଶୋଷଣର ଶିକାର ହେଉଛନ୍ତି: କଂଗ୍ରେସ



ଭୁବନେଶ୍ୱର : ରାଜ୍ୟର ନବରଙ୍ଗପୁର ଜିଲ୍ଲାରେ ସବୁଠାରୁ ଅଧିକ ମକା ଉତ୍ପାଦନ ହୋଇଥାଏ। ଏଠାର ଚାଷୀମାନେ ଧାନ ଅପେକ୍ଷା ବିଶେଷ କରି ମକା ଚାଷ ପ୍ରତି ଆଗ୍ରହୀ। ଜିଲ୍ଲାରେ ଦୁଇଟି ଋତୁରେ ପ୍ରାୟ ୫ଲକ୍ଷ ମେଟ୍ରିକ୍ ଟନରୁ ଅଧିକ ମକା ଉତ୍ପାଦନ ହୁଏ। ସରକାରୀ ସ୍ତରରେ ମକାର ନିର୍ଦ୍ଧାରିତ ଏମ.ଏସ.ପି. କ୍ୱିଣ୍ଟାଲ ପ୍ରତି ୨୬୦୦ ଟଙ୍କା। ଚାଷୀ ବହୁଶ୍ରମ, ଅର୍ଥ ବିନିଯୋଗ କରି ମକା ଅମଳ କରିବା ପରେ ଅଭାବୀ ବିକ୍ରିର ଶିକାର ହୋଇ ଏହି ମକାକୁ କ୍ୱିଣ୍ଟାଲ ପ୍ରତି ୧୭ ରୁ ୧୮ ଶହ ଟଙ୍କାରେ ବିକ୍ରି କରିବାକୁ ବାଧ ହେଉଛନ୍ତି। ଜିଲ୍ଲାର କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମକା ମଣ୍ଡିର ବ୍ୟବସ୍ଥା ନାହିଁ। କିମ୍ବା ସରକାର ଓ ପ୍ରଶାସନ ପକ୍ଷରୁ ଚାଷୀଙ୍କ ଏପରି ଦୂରାବସ୍ଥାର ସୁସମାଧାନ ପାଇଁ କୌଣସି ଦୀର୍ଘସ୍ଥାୟୀ ସମାଧାନ କରାଯାଇ ନାହିଁ। କୋଷାଗୁମୁଡ଼ାଠାରେ ମକା ପ୍ରୋସେସିଂ ପାଇଁ ଏକ ଘରୋଇ ପ୍ରକଳ୍ପ ଥିବା ବେଳେ ବାହାରକୁ ଅନେକ ସମୟରେ ରପ୍ତାନୀର ବ୍ୟବସ୍ଥା କରା ନ ଯାଇ ପାରୁଥିବା ହେତୁ ଅନେକ ସମୟରେ ଚାଷୀ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଫଳରେ ଚାଷୀ ଗୁରୁତର ଶୋଷଣର ଶିକାର ହେବା ସହ ବେପାରୀ ଓ ମଧ୍ୟସ୍ଥମାନେ ଢେର ଲାଭ ଉଠାଉଛନ୍ତି। ଗୋଟିଏ ପଟେ କେନ୍ଦ୍ର ସରକାର ବ୍ୟବସ୍ଥିତ ଢଙ୍ଗରେ ମଣ୍ଡି ବ୍ୟବସ୍ଥା ଥିବା ଏବଂ ନିର୍ଦ୍ଧାରିତ ଏମ.ଏସ.ପି.ରେ ମକା କ୍ରୟ କରାଯିବା କଥା ଘୋଷଣା କରୁଥିବା ବେଳେ ନବରଙ୍ଗପୁର ଜିଲ୍ଲାର ଚାଷୀଙ୍କ ଅବସ୍ଥା କହିଲେ ନ ସରେ। ସରକାରଙ୍କ ଘୋଷଣାରେ କୌଣସି ବାସ୍ତବତା ନାହିଁ। ଚାଷୀ ବାରମ୍ବାର ଏହି ସମ୍ପର୍କରେ ସ୍ୱର ଉତ୍ତୋଳନ କରୁଥିବା ବେଳେ ସରକାର ଓ ଜିଲ୍ଲା ପ୍ରଶାସନ ନିରବଦ୍ରଷ୍ଟା। ଚାଷୀଙ୍କ ଏପରି ବାରମ୍ବାର ଅଭିଯୋଗ ଜାଣିବା ପରେ ନିକଟରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠର ଅଧକ୍ଷ ତଥା ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଏକ ପ୍ରତିନିଧିମଣ୍ଡଳରେ ନବରଙ୍ଗପୁର ଜିଲ୍ଲାକୁ ଗସ୍ତକରି ବିଭିନ୍ନ ଅଞ୍ଚଳର ମକାଚାଷୀ, ଜିଲ୍ଲାପାଳ ଓ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କ ସହିତ ଆଲୋଚନା କରିବା ପରେ ଏଭଳି ଅଭାବନୀୟ ପରିସ୍ଥିତି ପାଇଁ ଉଭୟ ଡବଲ ଇଞ୍ଜିନ୍ ବିଜେପି ସରକାର ଦାୟୀ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସରକାରଙ୍କ ପକ୍ଷରୁ ତୁରନ୍ତ ସବୁ ଅଞ୍ଚଳରେ ସଶକ୍ତ ମଣ୍ଡି ନିର୍ମାଣ ଓ ଚାଷୀଙ୍କଠାରୁ ନିର୍ଦ୍ଧାରିତ ଏମ.ଏସ.ପି.ରେ ମକା କିଣିବାକୁ ଦାବୀ କରିବା ସହ ନବରଙ୍ଗପୁରଠାରେ ଏକ ବୃହତ୍ତ ମକା ପ୍ରସ୍ତୁତି ଓ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ, ମକା ରପ୍ତାନୀ କେନ୍ଦ୍ର ସ୍ଥାପନ ଓ ଇଥାନଲ ପ୍ଲାଣ୍ଟ ସ୍ଥାପନ ପାଇଁ ଦଳ ତରଫରୁ ଦୃଢ଼ ଦାବୀ କରିଛନ୍ତି।

## ଓମ୍‌ଫେଡ୍ ଓ ଦୁଗ୍ଧସଂଘ କାର୍ଯ୍ୟାବଳୀ ସମୀକ୍ଷା ବୈଠକ

# ଦୁଗ୍ଧଚାଷୀଙ୍କ ସମୃଦ୍ଧି ପାଇଁ ଓମ୍‌ଫେଡ୍ ପ୍ରତିବଦ୍ଧ : ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ



ଭୁବନେଶ୍ୱର : ଉତ୍ତମ ସ୍ୱାଦ, ଉତ୍କୃଷ୍ଟ ଗୁଣବତ୍ତା ଓ ବିଶୁଦ୍ଧତାର ପ୍ରତୀକ ସାଜିଛି ଓମ୍‌ଫେଡ୍ । ଓଡିଶାରେ ଶ୍ୱେତ ବିପ୍ଳବକୁ ଆଗେଇ ନେବା ସହ ଲକ୍ଷ ଲକ୍ଷ ଚାଷୀଙ୍କ ଜୀବନ-ଜୀବିକାର ସମୃଦ୍ଧିରେ କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିଛି ବୋଲି ମାନ୍ୟବର ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳନନ୍ଦ ମଲ୍ଲିକ କହିଛନ୍ତି । ଆଜି ସ୍ଥାନୀୟ ଶହୀଦନଗର ସ୍ଥିତ ଓମ୍‌ଫେଡ୍ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧକ୍ଷତା କରି ବିପଣନ, ନୂତନ ଉତ୍ପାଦ ଓ ପରିଚାଳନାଗତ ସଂସ୍କାର ମାଧ୍ୟମରେ ଚାଷୀଙ୍କ ସମୃଦ୍ଧି ପାଇଁ ନିଷ୍ଠାପର ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଦୁଗ୍ଧ ଓ ଦୁଗ୍ଧଜାତ ଉତ୍ପାଦରେ ଓଡିଶାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ସମୀକ୍ଷା ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ (ଓମ୍‌ଫେଡ୍) ଦ୍ୱାରା ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ମାନ୍ୟବର ମନ୍ତ୍ରୀ ଚୁଙ୍ଖାନୁଚୁଙ୍ଖ ସମୀକ୍ଷା କରିଥିଲେ । ଦୁଗ୍ଧ ସମବାୟ ସମିତି, ଭିତ୍ତିଭୂମି ଉନ୍ନତିକରଣ, ବିଭିନ୍ନ ପ୍ଲାଣ୍ଟ ଆଦିରେ ରହିଥିବା ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିବା ସହ ସେଗୁଡିକର ତ୍ୱରିତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷରେ ଓମ୍‌ଫେଡ୍ ୧୦୩୬.୮୨ କୋଟିର ବ୍ୟବସାୟ କରିଥିବା ବେଳେ ୧୦.୨୩ କୋଟି ଟଙ୍କା ଲାଭ କରିଛି ।

ଏହି ସମୀକ୍ଷା ବୈଠକରେ ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ପ୍ରେମଚନ୍ଦ୍ର ଚୌଧରୀ ଯୋଗ ଦେଇ କହିଥିଲେ, ଦୁଗ୍ଧ ଚାଷୀଙ୍କ କଲ୍ୟାଣ ପାଇଁ ବିଭାଗ ପ୍ରତିବଦ୍ଧ ଅଛି । ସୋନପୁରଠାରେ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏବଂ ଟାଙ୍ଗୀଠାରେ ୩୦ ହଜାରେ ଲିଟର କ୍ଷମତା ବିଶିଷ୍ଟ ନୂତନ ଡେରୀ ପ୍ଲାଣ୍ଟ ପ୍ରତିଷ୍ଠା ହୋଇଛି । ଭିତ୍ତିଭୂମି ବିକାଶ ଉପରେ ବିଭାଗ ଗୁରୁତ୍ୱ ଦେଉଥିବା ବେଳେ ବିଗତ ଦୁଇ ବର୍ଷ ମଧ୍ୟରେ ୧୦୬୧ ଗୋଟି ନୂତନ ଦୁଗ୍ଧ ସମବାୟ ସମିତି ପଞ୍ଜିକରଣ ହୋଇଛି । ଓମ୍‌ଫେଡ୍‌ର ଭବିଷ୍ୟତ ଯୋଜନା ସଂପର୍କରେ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ବିଜୟ ଅମୃତା କୁଲାଙ୍ଗେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ବାଧାମୁକ୍ତ ଦୁଗ୍ଧକ୍ରୟ ବ୍ୟବସ୍ଥା ଗ୍ରହଣ କରିବା, ୨୦୩୦ ମସିହା ସୁଦ୍ଧା ୩.୨୮ ଲକ୍ଷ ଦୁଗ୍ଧ ଚାଷୀଙ୍କ ଆର୍ଥିକ ସମୃଦ୍ଧି ସୁନିଶ୍ଚିତ କରିବା, ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଉତ୍ପାଦନରେ ଆତ୍ମନିର୍ଭର ହେବା ପାଇଁ ସେ ଗୁରୁତ୍ୱ ଦେଇଥିଲେ ।

ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧିନରେ ୨୧ଟି ନୂତନ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଖୋଲାଯାଇଛି । ୪୪୫୫ ଟି ଦୁଗ୍ଧ ସମବାୟ ସମିତି ଜରିଆରେ ପ୍ରାୟ ୩.୨୪ଲକ୍ଷ ଚାଷୀଙ୍କଠାରୁ ଦୈନିକ ହାରାହାରି ୬.୭୦ଲକ୍ଷ ଲିଟର ଦୁଗ୍ଧ ସଂଗ୍ରହ ହେଉଛି । ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆଶୀର୍ବାଦ ପାଲଟିଛି । ରାଜ୍ୟର ବିଭିନ୍ନ ବ୍ଲକରେ ୧୬୦ ଗୋଟି ନୂତନ କ୍ଷୀରଧାରା କେନ୍ଦ୍ର ଖୋଲାଯାଇ ଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ କରାଯାଉଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଦୈନିକ ପ୍ରାୟ ୬% ହାରରେ ଦୁଗ୍ଧ ସଂଗ୍ରହ ବୃଦ୍ଧି ପାଇଛି । ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ବିପଣନ ୪% ବୃଦ୍ଧି ପାଇଛି ।

ଏହି ସମୀକ୍ଷା ବୈଠକରେ ଓମ୍‌ଫେଡ୍ ସଭାପତି ଶ୍ରୀ କିଶୋରଚନ୍ଦ୍ର ପ୍ରଧାନୀ, ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘର କର୍ମକର୍ତ୍ତା, ବିଭିନ୍ନ ମିଲ୍କ ୟୁନିୟନର କର୍ମକର୍ତ୍ତା, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ନୌସେନାର ନୂତନ ଉପମୁଖ୍ୟ ଭାବେ ଦାୟିତ୍ୱ ନେଲେ ଭାଇସ୍ ଆଡମିରାଲ୍ ଅଜୟ କୋଚ୍ଛାର



ନୂଆଦିଲ୍ଲୀ: ଭାରତୀୟ ସେନାବାହିନୀରେ ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ପରିବର୍ତ୍ତନ ସ୍ୱରୂପ ଭାଇସ୍ ଆଡମିରାଲ୍ ଅଜୟ କୋଚ୍ଛାର ଶୁକ୍ରବାର ଦିନ ଭାରତୀୟ ନୌସେନାର ୪୮ତମ ଉପମୁଖ୍ୟ ବା ''ଭାଇସ୍ ଚିଫ୍ ଅଫ୍ ଦି ନାଭାଲ୍ ଷ୍ଟାଫ୍'' (ଭିସିଏନଏସ୍) ଭାବେ ଆନୁଷ୍ଠାନିକ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀଙ୍କ ପକ୍ଷରୁ ଜାରି କରାଯାଇଥିବା ସରକାରୀ ବିବୃତ୍ତି ଅନୁଯାୟୀ, ଦାୟିତ୍ୱ ଗ୍ରହଣ କରିବା ପରେ ଏହି ଫ୍ଲାଗ୍ ଅଫିସର ନୂଆଦିଲ୍ଲୀ ସ୍ଥିତ 'ନ୍ୟାସନାଲ୍ ବାର୍ ମେମୋରିଆଲ୍' ପରିଦର୍ଶନ କରି ଦେଶର ସୁରକ୍ଷା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ଅମର ଶହୀଦମାନଙ୍କ ଉଦ୍ଦେଶ୍ୟରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ପନେ ସ୍ଥିତ ପ୍ରତିଷ୍ଠିତ ଜାତୀୟ ପ୍ରତିରକ୍ଷା ଏକାଡେମୀର ପୂର୍ବତନ ଛାତ୍ର ଭାଇସ୍ ଆଡମିରାଲ୍ କୋଚ୍ଛାର ୧୯୮୮ ମସିହା ଜୁଲାଇ ୧ ତାରିଖରେ ଭାରତୀୟ ନୌସେନାରେ କମିଶନ ପାଇଥିଲେ। ଗନେରୀ(ସାମରିକ ବିଜ୍ଞାନ ଓ କଳା) ଏବଂ ମିସାଇଲ୍ ସିଷ୍ଟମରେ ବିଶେଷଜ୍ଞତା ହାସଲ କରିଥିବା ଏହି ବରିଷ୍ଠ ଅଧିକାରୀଙ୍କର ପ୍ରାୟ ୩୭ ବର୍ଷରୁ ଅଧିକ ସମୟର ଏକ ସୁଦୀର୍ଘ ତଥା ଗୌରବମୟ ସାମରିକ କ୍ୟାରିୟର୍ ରହିଛି। ନିଜର ପ୍ରଶଂସନୀୟ ସେବା ମଧ୍ୟରେ ସେ ଭାରତୀୟ ନୌସେନାର ଯୁଦ୍ଧ ଜାହାଜ ଆଇଏନଏସ ନାଶାକ, ବିଭୂତି, କିର୍ପାନ୍ ସମେତ ଅତ୍ୟାଧୁନିକ ଫ୍ରିଗେଟ୍ ''ତ୍ରିକନ୍ଦ''ର ପ୍ରଥମ କମାଣ୍ଡିଂ ଅଫିସର ଭାବେ ସଫଳତାର ସହ ଦାୟିତ୍ୱ ତୁଲାଇଛନ୍ତି।

ଏହା ବ୍ୟତୀତ ସେ ଭାରତର ବିଶାଳ ବିମାନବାହୀ ଯୁଦ୍ଧପୋତ ''ଆଇଏନଏସ ବିକ୍ରମାଦିତ୍ୟ''ର ମଧ୍ୟ କମାଣ୍ଡର ରହିଥିଲେ, ଯେଉଁ ସମୟରେ ଏହି ଯୁଦ୍ଧପୋତର ଏୟାର ୱିଙ୍ଗର ସଫଳ ଅପରେସନାଲାଇଜେସନ ସମ୍ପନ୍ନ ହୋଇଥିଲା। ଭାରତ ଓ ବ୍ରିଟେନର ବିଭିନ୍ନ ପ୍ରତିଷ୍ଠିତ ନାଭାଲ୍ ୱାର୍ କଲେଜରୁ ଉଚ୍ଚଶିକ୍ଷା ଲାଭ କରିଥିବା କୋଚ୍ଛାର ନୌସେନା ମୁଖ୍ୟାଳୟର ଅନେକ ରଣନୈତିକ ଏବଂ ନୀତି-ନିର୍ଦ୍ଧାରଣ କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସେ ୨୦୨୧ରେ ପଶ୍ଚିମ ନୌସେନା ବହରର କମାଣ୍ଡିଂ କରିବା ସହ ''ଏନଡିଏ''ର କମାଣ୍ଡାଣ୍ଟ ଭାବେ ପ୍ରଶିକ୍ଷଣର ମାନ ବୃଦ୍ଧି କରିଥିଲେ।

ପରବର୍ତ୍ତୀ ସମୟରେ ମେ ୨୦୨୪ରେ ପଶ୍ଚିମ ସାମୁଦ୍ରିକ କ୍ଷେତ୍ରର ଚ୍ୟାଲେଞ୍ଜପୂର୍ଣ୍ଣ ସୁରକ୍ଷା ସ୍ଥିତି ମଧ୍ୟରେ ଚିଫ୍ ଅଫ୍ ଷ୍ଟାଫ୍ ଦାୟିତ୍ୱ ନେଇ ''ଅପରେସନ ସିନ୍ଦୂର'' ଭଳି ଗୁରୁତ୍ୱପୂର୍ଣ୍ଣ ମିଶନର ନେତୃତ୍ୱ ନେଇଥିଲେ। ତାଙ୍କର ଏହି ଅସାଧାରଣ ନେତୃତ୍ୱ ଏବଂ ଅତୁଳନୀୟ ଦେଶସେବା ପାଇଁ ସରକାରଙ୍କ ପକ୍ଷରୁ ତାଙ୍କୁ ୨୦୨୨ରେ ''ଅତି ବିଶିଷ୍ଟ ସେବା ପଦକ'' (ଏଭିଏସଏମ୍) ଏବଂ ୨୦୬ରେ ''ପରମ ବିଶିଷ୍ଟ ସେବା ପଦକ'' (ପିଭିଏସଏମ୍) ରେ ସମ୍ମାନିତ କରାଯାଇଛି। ନୌସେନାର ଏହି ଶୀର୍ଷ ପଦବୀ ଗ୍ରହଣ କରିବା ପୂର୍ବରୁ ସେ ଆଣ୍ଡାମାନ ଓ ନିକୋବର କମାଣ୍ଡର କମାଣ୍ଡର-ଇନ୍-ଚିଫ୍ ଭାବେ କାର୍ଯ୍ୟ କରି ତିନି ସେନାବାହିନୀ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ବଡ଼ ସଫଳତା ହାସଲ କରିଥିଲେ।

# ମ୍ୟାନେଜମେଣ୍ଟ ଶିକ୍ଷା କ୍ଷେତ୍ରରେ ଆଇଆଇଏମ ବିଶ୍ୱ ପାଇଁ ମଡେଲ : କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ




ଗାନ୍ଧୀନଗର/ଅହମ୍ମଦବାଦ : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଗୁଜରାଟ ଗସ୍ତ ଅବସରରେ ଗାନ୍ଧୀନଗର ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ପଟେଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଉଭୟ ନେତାଙ୍କ ମଧ୍ୟରେ ଶିକ୍ଷା ଏବଂ ନବସୃଜନ କ୍ଷେତ୍ରରେ ଗୁଜରାଟର ଅଗ୍ରଗତି ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା । ଏହା ପୂର୍ବରୁ ଶ୍ରୀ ପ୍ରଧାନ ଆଇଆଇଏମ ଅହମ୍ମଦାବାଦ ପରିସରରେ ଆୟୋଜିତ ଆଇଆଇଏମ ସମୂହର 'ସମନ୍ୱୟ ମଞ୍ଚ' ବା କୋର୍ଡିସେନସ ଫୋରମ ବୈଠକରେ ଯୋଗ ଦେଇଥିଲେ । ଏହି ବୈଠକରେ 'ବିକଶିତ ଭାରତ-୨୦୪୭' ର ସ୍ୱପ୍ନକୁ ସାକାର କରିବାରେ ଆଇଆଇଏମ ଗୁଡ଼ିକର ଭୂମିକା ଉପରେ ବ୍ୟାପକ ବିଚାର ବିମର୍ଶ କରାଯାଇଥିଲା। ଶ୍ରୀ ପ୍ରଧାନ କହିଥିଲେ, ଦେଶର ସମସ୍ତ ଆଇଆଇଏମ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ସଶକ୍ତ ଶିକ୍ଷା ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ହେବ । ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶ ସହ ବିଶ୍ୱସ୍ତରୀୟ ଶିକ୍ଷାଦାନ ପଦ୍ଧତି ଆପଣେଇବାକୁ ହେବ । ନୂତନ ଇନୋଭେସନକୁ ପ୍ରୋତ୍ସାହନ ଦେଇ ଆଇଆଇଏମ ଶିକ୍ଷାକୁ ଆନ୍ତର୍ଜାତୀୟ ସ୍ତରରେ ଶୀର୍ଷରେ ପହଞ୍ଚାଇବା ପାଇଁ ଆହ୍ୱାନ କରିଥିଲେ କେନ୍ଦ୍ରମନ୍ତ୍ରୀ । ସେହିପରି ବୈଷୟିକ ଜ୍ଞାନ ସହ ସାମାଜିକ ଦାୟିତ୍ୱବୋଧ ଏବଂ ନୈତିକ ନେତୃତ୍ୱ ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଥିଲେ ।

ଏହି ଅବସରରେ ସେ କହିଛନ୍ତି ଯେ, ଭାରତର ଆଇଆଇଏମ ଗୁଡ଼ିକ କେବଳ ଶିକ୍ଷାନୁଷ୍ଠାନ ନୁହଁନ୍ତି, ବରଂ ଦେଶ ଗଠନ ଏବଂ ଆର୍ଥିକ ପରିବର୍ତ୍ତନର ଶକ୍ତିଶାଳୀ ମାଧ୍ୟମ । ନେତୃତ୍ୱ ଏବଂ ପରିଚାଳନା ଶିକ୍ଷା କ୍ଷେତ୍ରରେ ଏହା ସମଗ୍ର ବିଶ୍ୱ ପାଇଁ ଆଦର୍ଶ ସାଜିଛି । ଆଗାମୀ ଦିନରେ ଏହି ଅନୁଷ୍ଠାନଗୁଡ଼ିକ ଏକ ସୁଦୃଢ଼ ଇନୋଭେସନ ପରିବେଶ ସୃଷ୍ଟି କରି ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ପ୍ରମୁଖ ସହାୟକ ହେବେ।

ଏହି ବୈଠକରେ ଆଇଆଇଏମର ନିର୍ଦ୍ଦେଶକ ଏବଂ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ନିଜର ମତାମତ ପ୍ରକାଶ କରିଥିଲେ ।

# ଆମେରିକାର ସର୍ତ୍ତ ପୂରଣ କଲେ ଯୁଦ୍ଧ ବନ୍ଦ ହେବ : ଟ୍ରମ୍ପ୍



ୱାଶିଂଟନ: ଇରାନ ସହିତ ପ୍ରସ୍ତାବିତ ଚୁକ୍ତିନାମା ସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସିଚୁଏସନ୍ ରୁମରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କୌଣସି ନିଷ୍ପତ୍ତିରେ ପହଞ୍ଚିପାରି ନାହିଁ। ଦୁଇ ଘଣ୍ଟାର ବୈଠକ ପରେ, ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଚୁକ୍ତିନାମାକୁ ଅନୁମୋଦନ କରି ନାହାନ୍ତି। ବୈଠକ ପରେ ଜାରି ଏକ ବିବୃତିରେ, ହ୍ୱାଇଟ୍ ହାଉସର ଜଣେ ଅଧିକାରୀ କହିଛନ୍ତି , ଯେକୌଣସି ଚୁକ୍ତିନାମାରେ ଆମେରିକା ରାଷ୍ଟ୍ରପତିଙ୍କ ସର୍ତ୍ତ ପୂରଣ କରିବାକୁ ପଡିବ। ବୈଠକ ପରେ ଜାରି ହୋଇଥିବା ଏକ ବିବୃତିରେ, ହ୍ୱାଇଟ୍ ହାଉସ୍ ର ଜଣେ ଅଧିକାରୀ କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପ କେବଳ ଏପରି ଏକ ଚୁକ୍ତିକୁ ଅନୁସରଣ କରିବେ ଯାହା ଆମେରିକା ପାଇଁ ଭଲ ହେବ ଏବଂ ତାଙ୍କର ରେଡଲାଇନ୍ ପୂରଣ କରିବ। ଇରାନ କେବେ ବି ପରମାଣୁ ଅସ୍ତ୍ର ରଖିପାରିବ ନାହିଁ। ଅଧିକାରୀ କହିଛନ୍ତି, ବୈଠକ ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିଲା ତେବେ କୌଣସି ଠୋସ୍ ନିଷ୍ପତ୍ତି ମିଳିପାରି ନଥିଲା।

ପୂର୍ବରୁ ଟ୍ରମ୍ପ ପ୍ରଥମେ ବୈଠକ ଘୋଷଣା କରିବା ସମୟରେ କହିଥିଲେ, ବୈଠକର ଉଦ୍ଦେଶ୍ୟ ଇରାନ ସହିତ ଚୁକ୍ତିକୁ ଚୂଡ଼ାନ୍ତ କରିବା। ଅନେକ ସର୍ତ୍ତ ଉଲ୍ଲେଖ କରିଥିଲେ ଯାହା ସେ ଆଶା କରିଥିଲେ ଯେ ଇରାନ ଯୁଦ୍ଧ ସମାପ୍ତ କରିବା ପାଇଁ ଏକ ସମ୍ଭାବ୍ୟ ଚୁକ୍ତିରେ ରାଜି ହେବ। ଟ୍ରମ୍ପ ସର୍ତ୍ତ ରଖିଥିଲେ ଯେ, ଇରାନକୁ କେବେ ବି ପରମାଣୁ ଅସ୍ତ୍ର କିମ୍ବା ବୋମା ବିକଶିତ ନକରିବା ପାଇଁ ପ୍ରତିଜ୍ଞାବଦ୍ଧ ହେବା ଉଚିତ। ହର୍ମୁଜ୍ ପ୍ରଣାଳୀକୁ ତୁରନ୍ତ ଖୋଲାଯିବା ଉଚିତ। ଇରାନ ବାକି ଥିବା ସମୁଦ୍ର ମାଇନକୁ ଚିହ୍ନଟ କରି ନଷ୍ଟ କରିବା ଆବଶ୍ୟକ।

ଇରାନ କହିଛି, ଆଲୋଚନା ଚାଲିଛି କିନ୍ତୁ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ଚୁକ୍ତି ହୋଇନାହିଁ। ଆମେ ବାହ୍ୟ ଚାପରେ କୌଣସି ପଦକ୍ଷେପ ନେବ ନାହିଁ। ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାକେଇ ସରକାରୀ ଟିଭିକୁ କହିଛନ୍ତି, ତେହେରାନ ଜରୁରୀ କୁହାଯାଉଥିବା ବୋଲି ସ୍ଥିତିକୁ କେବେ ଗ୍ରହଣ କରିବ ନାହିଁ। ୪୭ ବର୍ଷ ପୂର୍ବରୁ ଦେଶ ଏଭଳି ସ୍ଥିତିକୁ ଗ୍ରହଣ ନକରିବା ଧାରା ଜାରି ରଖିଛି। ଆମେ ଇରାନର ସ୍ୱାର୍ଥ ଏବଂ ଅଧିକାର ଉପରେ ଆଧାର କରି ଆମର ନିଷ୍ପତ୍ତି ନେଇଥାଉ।

ପରମାଣୁ ପ୍ରସଙ୍ଗରେ ଆମେରିକା ଏବଂ ଇରାନ ମଧ୍ୟରେ କୌଣସି ଆଲୋଚନା ହୋଇଥିବା ଦାବିକୁ ବାକେଇ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି, ଆମର ପରମାଣୁ ପ୍ରସଙ୍ଗରେ କୌଣସି ଆଲୋଚନା ହେଉନାହିଁ। ତାଙ୍କ ମନ୍ତବ୍ୟ ଟ୍ରମ୍ପଙ୍କ ବାରମ୍ବାର ଦାବିର ବିପରୀତ ରହିଛି। ଟ୍ରମ୍ପ ଦାବି କରୁଛନ୍ତି ଯେ, ତେହେରାନକୁ ଆମେରିକା ସ୍ପଷ୍ଟ ଭାବରେ କହିଛି ଯେ, ୟୁରାନିୟମ ସମୃଦ୍ଧି କାର୍ଯ୍ୟକ୍ରମ ଜାରି ରଖାଯାଇପାରିବ ନାହିଁ।

# ବେଙ୍ଗଲରେ ଅଗଷ୍ଟ ୧ ରୁ ଆରମ୍ଭ ହେବ ଜନଗଣନା



କୋଲକାତା: ଦେଶରେ ଜାରି ରହିଥିବା ଜନଗଣନା ମଧ୍ୟରେ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘୋଷଣା କରିଛନ୍ତି ଯେ, ପଶ୍ଚିମବଙ୍ଗରେ ଜନଗଣନା ଅଗଷ୍ଟ ୧ ରୁ ଆରମ୍ଭ ହେବ ଏବଂ ଆସନ୍ତା ବର୍ଷ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ। ସେ ସ୍ପଷ୍ଟ କରିଛନ୍ତି ଯେ, ଜନଗଣନାର ରାଜନୀତି ସହିତ କୌଣସି ସମ୍ପର୍କ ନାହିଁ ଏବଂ ରାଜ୍ୟବାସୀଙ୍କୁ ସାମିଲ ହେବାକୁ ସେ ନିବେଦନ କରିଛନ୍ତି ।

ଶୁକ୍ରବାର ଶୁଭେନ୍ଦୁ ଅଧିକାରୀ ରାଜ୍ୟ ସଚିବାଳୟ ନବାନ୍ନାରେ ଜନଗଣନାର ପ୍ରଥମ ପର୍ଯ୍ୟାୟ ସମ୍ପର୍କିତ ଏକ ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକ ପରେ, ସେ ବଙ୍ଗଳାରେ ଆଗାମୀ ଜନଗଣନା ବିଷୟରେ ସୂଚନା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ବିଧାନସଭା ନିର୍ବାଚନରେ ବିଜେପି ପ୍ରଥମ ଥର ପାଇଁ ସରକାର ଗଠନ କରିଛି ଏବଂ ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଶୁଭେନ୍ଦୁ ଅଧିକାରୀ ସମ୍ପ୍ରତି ଅନୁପ୍ରବେଶକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆଉ ଏବେ ଅଧିକାରୀ ଜନଗଣନା ଘୋଷଣା କରିଛନ୍ତି।

# ରାଉରକେଲାରେ କ୍ୟାରେଟ୍‌ଲେନ୍‌ର ନବୀକୃତ ଷ୍ଟୋର




ଭୁବନେଶ୍ୱର : ଦେଶର ଅନ୍ୟତମ ଅଗ୍ରଣୀ ଓମ୍ନିଚ୍ୟାନେଲ ଗହଣା ବ୍ରାଣ୍ଡ 'କ୍ୟାରେଟ୍‌ଲେନ୍' ଏହାର ରାଉରକେଲା ଷ୍ଟୋରକୁ ବିସ୍ରା ରୋଡ୍‌ରୁ ଉଦିତ ନଗରକୁ ସ୍ଥାନାନ୍ତରିତ କରିଛି। ଏକ ନବୀକୃତ ତଥା ବୃହତ୍ ୫୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଏହାକୁ ନିର୍ମାଣ କରାଯାଇଛି। ନୂତନ ଷ୍ଟୋର୍ କୋଲ୍-ବ୍ରେକିଂ ସେରିମନି ପରମ୍ପରା ସହ ଉଦ୍‌ଘାଟିତ ହୋଇଯାଇଛି। ଏହା ଏକ ନୂଆ ଷ୍ଟୋର୍‌ର ଜନ୍ମ ଏବଂ ଆଗକୁ ସମୃଦ୍ଧିର ସମୟକୁ ସୂଚିତ କରେ। ବ୍ରାଣ୍ଡ୍‌ର ବିଶ୍ୱସ୍ତ ଗ୍ରାହକମାନଙ୍କ ଉପସ୍ଥିତିରେ ନୂଆ ଷ୍ଟୋର୍‌ର ଶୁଭାରମ୍ଭ ହୋଇଯାଇଛି।

ଦେଶବ୍ୟାପୀ ଲୋକଙ୍କ ନିକଟରେ ସୁଲଭ ମୂଲ୍ୟରେ ସୁନ୍ଦର ଗହଣାଗୁଡ଼ିକୁ ପହଞ୍ଚାଇବାର ଲକ୍ଷ୍ୟ ନେଇ ବ୍ରାଣ୍ଡ୍ ସମଗ୍ର ଦେଶରେ ୩୭୫ରୁ ଊର୍ଦ୍ଧ୍ୱ ଷ୍ଟୋର ସହିତ ଏକ ମଜଭୁତ ରିଟେଲ ପଦଚିହ୍ନ ରଖିଛି। ଗ୍ରାହକଙ୍କୁ ବ୍ୟାପକ ସମ୍ଭାର ଏବଂ ପରିବର୍ଦ୍ଧିତ ସପିଂ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଡିଜାଇନ ହୋଇଥିବା ନୂଆ ଉଦିତ ନଗର ଷ୍ଟୋରରେ ସମସାମୟିକ ଏବଂ ଦୈନନ୍ଦିନ ବ୍ୟବହାର ଯୋଗ୍ୟ ଗହଣା ସମ୍ଭାରର ବୃହତ୍ ଇନ୍‌ଭେଣ୍ଟୋରୀ ରହିଛି। ଫ୍ୟାଶନ୍‌କୁ ନବସୃଜନ ସହ ମିଶ୍ରଣ କରି କ୍ୟାରେଟ୍‌ଲେନ୍ ଏହାର ଚମତ୍କାର ଗହଣା ମାଧ୍ୟମରେ ବ୍ୟକ୍ତିଗତ ଷ୍ଟାଇଲ୍‌କୁ ପରିପ୍ରକାଶ କରିବା ଲାଗି ଗ୍ରାହକଙ୍କୁ ସଶକ୍ତ କରିଆସୁଛି। ଏ ପରିପ୍ରେକ୍ଷୀରେ କ୍ୟାରେଟ୍‌ଲେନ୍‌ର ପରିଚାଳନା ନିର୍ଦ୍ଦେଶକ ସୌମେନ ଭୌମିକ କୁହନ୍ତି, ଅଳଙ୍କାରର ଏକ ବ୍ୟାପକ ପରିସର ସହିତ ବାସ୍ତବରେ ନିମଜ୍ଜିତ ଏବଂ ସ୍ପର୍ଶକାତର ଅନୁଭୂତି ପ୍ରଦାନ କରିବା ପାଇଁ ଷ୍ଟୋରକୁ ଡିଜାଇନ କରାଯାଇଛି। ଆମେ ଜାଣୁ ଅଳଙ୍କାର ହେଉଛି ବ୍ୟକ୍ତିଗତ ଏବଂ ଆମର ଫୋକସ୍ ହେଉଛି ଯେ, ଗ୍ରାହକ ଏକ ଅତି ସୁନ୍ଦର ଏବଂ ଆରାମଦାୟକ ପରିବେଶରେ ଗହଣାକୁ ସ୍ପର୍ଶ କରିବେ, ଅନୁଭବ କରିବେ ଏବଂ ଡିଜାଇନଗୁଡ଼ିକୁ ପରଖିପାରିବେ। ଦୃଢ଼ ଅନ୍‌ଲାଇନ୍ ଉପସ୍ଥିତି ସହ ଫିଜିକାଲ ଷ୍ଟୋର ଜରିଆରେ କ୍ୟାରେଟ୍‌ଲେନ୍‌ର ଓମ୍ନି-ଚ୍ୟାନେଲ ଆପ୍ରୋଚ ଏହାକୁ ସଫଳ କରାଇଛି। ନୂଆ ଷ୍ଟୋରରେ ଉଭୟ ଷ୍ଟଡେଡ୍ ଏବଂ ଅନ୍‌ଷ୍ଟଡେଡ୍ ଡିଜାଇନ୍‌ର ବ୍ୟାପକ ରେଞ୍ଜ୍ ରହିଛି। ଏଥିମଧ୍ୟରେ ରହିଛି ବଟରଫ୍ଲାଏ, ଅରଣ୍ୟ ଏବଂ ଓମ୍ବରେ ଭଳି କଲେକ୍ସନ। ଷ୍ଟୋରରେ ଆହୁରି ମଧ୍ୟ କ୍ୟାରେଟ୍‌ଲେନ୍‌ର କୌତୁକିଆ ଆଇପି ସହଯୋଗିତା ଯେପରି ଫ୍ରେଣ୍ଡ୍‌ସ, ଡିଜ୍‌ନୀ, ହ୍ୟାରୀ ପୋଟର ଏବଂ ପେପା ପିଗ୍ ଭଳି ସମ୍ଭାର ରହିଛି। ଗ୍ରାହକ ବିଭିନ୍ନ ଲୋକପ୍ରିୟ ବର୍ଗ ଯେପରି ଆଧୁନିକ ମଙ୍ଗଳସୂତ୍ର, ନିତିଦିନ ବ୍ୟବହାର ପାଇଁ ଉଦ୍ଦିଷ୍ଟ କାନଫୁଲ, କକ୍‌ଟେଲ ରିଙ୍ଗ୍, ପିଲାଙ୍କ ଗହଣା ଏବଂ ଉପହାରର ବିସ୍ତୃତ ସମ୍ଭାର ପାଇବେ। ୯୨୫ ରୁପା ଏବଂ ୯କ୍ୟାରେଟ୍ ସୁନାରେ ପ୍ରାକୃତିକ ହୀରା ସହିତ ବ୍ୟାପକ ଉପହାର ବିକଳ୍ପ ମାତ୍ର ୫,୦୦୦ ଟଙ୍କାରୁ ଆରମ୍ଭ ହୋଇଥିଲା ।

# ଅଚ୍ୟୁତ ସାମନ୍ତଙ୍କୁ କ୍ରାଇଓଭା ବିଶ୍ୱବିଦ୍ୟାଳୟରୁ ସମ୍ମାନସୂଚକ ଡକ୍ଟରେଟ୍

ଭୁବନେଶ୍ୱର : ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ରୋମାନିଆର ଅନ୍ୟତମ ପୁରାତନ ସରକାରୀ ବିଶ୍ୱବିଦ୍ୟାଳୟ କ୍ରାଇଓଭା ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। କ୍ରାଇଓଭା ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଆଜି ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୭୩ ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରାଇଓଭା ବିଶ୍ୱବିଦ୍ୟାଳୟର ସଭାପତି ପ୍ରଫେସର ଲିଓନାର୍ଡୋ ଜିଓ ମେନେସ୍କୁ ଏବଂ ଅନ୍ୟାନ୍ୟ ବହୁ ଶିକ୍ଷାବିତ୍, ଛାତ୍ରଛାତ୍ରୀ ଓ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିଲା।

ସୂଚନାଯୋଗ୍ୟ, ୧୯୪୭ରେ ପ୍ରତିଷ୍ଠିତ କ୍ରାଇଓଭା ବିଶ୍ୱବିଦ୍ୟାଳୟ ହେଉଛି ରୋମାନିଆର ଅନ୍ୟତମ ସର୍ବପୁରାତନ ସରକାରୀ ବିଶ୍ୱବିଦ୍ୟାଳୟ। କ୍ରାଇଓଭା ବିଶ୍ୱବିଦ୍ୟାଳୟର ସିନେଟ୍ ପ୍ରଯୁଜ୍ୟ ଆଇନ ଅଧିନରେ ଏହାର ସାମ୍ବିଧାନିକ ଦାୟିତ୍ୱ ଅନୁଯାୟୀ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲା। ଗତ ମାସରେ ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ସିନେଟ୍‌ର ପୂର୍ଣ୍ଣାଙ୍ଗ ବୈଠକରେ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ସମ୍ମାନପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

ଏହି ସମ୍ମାନ ପାଇଁ ଶ୍ରୀ ସାମନ୍ତ କ୍ରାଇଓଭା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ କହିଲେ, ବିଗତ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସେ ନିରନ୍ତର କାମ କରିଆସୁଛନ୍ତି। ଏହି ସମ୍ମାନ ତାଙ୍କୁ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି ସେ କହିଛନ୍ତି। ଏହି ସମ୍ମାନ କିଟ୍ ଓ କିସ୍ କର୍ମଚାରୀଙ୍କ ପରିଶ୍ରମର ଫଳ ହୋଇଥିବାରୁ ଶ୍ରୀ ସାମନ୍ତ କିଟ୍ ଓ କିସ୍‌ର ସମସ୍ତ କର୍ମଚାରୀଙ୍କୁ ଏହି ସମ୍ମାନ ଉତ୍ସର୍ଗ କରିଛନ୍ତି।



# ସଠିକତା ମୂଲ୍ୟ ସହିତ ଧାତୁ ସ୍ଥାନାନ୍ତର: ଉତ୍ତମ ଲଜିଷ୍ଟିକ୍ସ ନେଟୱାର୍କ ଝାରସୁଗୁଡାରେ ବେଦାନ୍ତ ଆଲୁମିନିୟମର ମେଗା ପ୍ଲାଣ୍ଟକୁ ଶକ୍ତି ପ୍ରଦାନ କରିଛି



ଝାରସୁଗୁଡା : ପ୍ରତ୍ୟେକ ଉଚ୍ଚ-ପ୍ରଦର୍ଶିତ ଉତ୍ପାଦନ ପ୍ରଣାଳୀ ପଛରେ ଏକ ବ୍ୟାପକ ଲଜିଷ୍ଟିକ୍ସ ନେଟୱାର୍କ ରହିଛି ଯାହାକି ଏହାକୁ ସୁଗମ ଗତିରେ ତଦାରକ କରିବା ସହିତ ବିପୁଳ ପରିମାଣର କଂଚାମାଲ ସ୍ଥାନାନ୍ତର ତଥା ସମୟ ଏବଂ ସଠିକତା ସହିତ ସମାପ୍ତ ଉତ୍ପାଦ ବିତରଣ କରିବାର କ୍ଷମତା ପ୍ରଦାନ କରିଥାଏ। ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଂଟ ଝାରସୁଗୁଡାର ବେଦାନ୍ତ ଆଲୁମିନିୟମରେ, ଲଜିଷ୍ଟିକ୍ସକୁ ଏକ ମେଗା ସ୍କେଲରେ ଉତ୍ପାଦନ ବଜାୟ ରଖିବା ପାଇଁ ଏକ ନିରନ୍ତର, ଉଚ୍ଚ-ଭଲ୍ୟୁମ୍ କାର୍ଯ୍ୟକୁ ସମର୍ଥନ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ ସିଷ୍ଟମ୍ ମାଧ୍ୟମରେ ସ୍ଥାନିତ କରାଯାଇଛି। ପ୍ରତିବର୍ଷ, ଆଲୁମିନା ଭଳି କଂଚା ଇନପୁଟ୍, ବିଲେଟ୍ ଏବଂ ଇନଗଟ୍ ଭଳି ସମାପ୍ତ ସାମଗ୍ରୀ ଏବଂ ଉପ-ଉତ୍ପାଦ ସମେତ ପ୍ରାୟ ୨୮ ନିୟୁତ ଟନ୍ ସାମଗ୍ରୀ ଏକ ଦୃଢ଼ ଭାବରେ ସମନ୍ୱିତ ଲଜିଷ୍ଟିକ୍ସ ନେଟୱାର୍କ ମାଧ୍ୟମରେ ଗତି କରିଥାଏ।

ରେଳ ଏହି ସିଷ୍ଟମର ଏକ ମେରୁଦଣ୍ଡ ଅଟେ। ପ୍ଲାଣ୍ଟ କୁ ଏବଂ ପ୍ଲାଣ୍ଟରୁ ପ୍ରାୟ ୫୫ ପ୍ରତିଶତ ସାମଗ୍ରୀ ରେଳ ଦ୍ୱାରା ପରିବହନ କରାଯାଏ, ଯାହାକୁ ବଡ ଶିଳ୍ପ ଲଜିଷ୍ଟିକ୍ସ ପାଇଁ ସବୁଠାରୁ ଦକ୍ଷ ଏବଂ ନିର୍ଭରଯୋଗ୍ୟ ମୋଡ୍ ଭାବରେ ବିବେଚନା କରାଯାଏ। ଏହା ସ୍ଥିର ପ୍ରବାହ, ଦ୍ରୁତ ପରିବର୍ତ୍ତନ ଏବଂ ପ୍ରତି ଟନ୍ ପ୍ରତି କମ ନିର୍ଗମନ ସୁନିଶ୍ଚିତ କରିବା ସହିତ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସ୍ଥାୟୀତ୍ୱ ଉଭୟକୁ ସୁଦୃଢ଼ କରିଥାଏ।

ଆର୍ଥିକ ବର୍ଷ ୨୬ ରେ ବେଦାନ୍ତ ଆଲୁମିନିୟମର ଝାରସୁଗୁଡା ପ୍ଲାଣ୍ଟ ଦ୍ୱାରା ୫,୦୦୦ ରୁ ଅଧିକ ରେଳ ରେକ୍ ପରିଚାଳନା କରାଯାଇଥିଲା, ପ୍ରାୟତଃ ସର୍ବାଧିକ ପିକ୍ ପିରିୟଡ୍ ସମୟରେ ଗୋଟିଏ ମାସ ମଧ୍ୟରେ ପ୍ରାୟ ୫୦୦ ରେକ୍ ପରିଚାଳନା କରାଯାଇଥିଲା। ଏହି କାର୍ଯ୍ୟଦକ୍ଷତା ସ୍କେଲ୍ ରେ ନିରନ୍ତରତା ପାଇଁ ଡିଜାଇନ୍ କରାଯାଇଥିବା ଏକ ଲଜିଷ୍ଟିକ୍ ଇକୋସିଷ୍ଟମ୍ ଦ୍ୱାରା ସକ୍ଷମ ହୋଇଛି। ସମ୍ବଲପୁର, ଚକ୍ରଧରପୁର ଏବଂ ବିଳାସପୁର ଭଳି ପ୍ରମୁଖ ରେଳ ଡିଭିଜନ ସହିତ ସଂଯୁକ୍ତ ଯାହା ଏହାକୁ ପୂର୍ବ ତଟ ଜୋନରେ ଭାରତୀୟ ରେଳବାଇର ସର୍ବବୃହତ ମାଲ ଗ୍ରାହକ କରିଥାଏ, ପ୍ଲାଣ୍ଟର ନେଟୱାର୍କ ସମନ୍ୱିତ ସାଇଡିଂ, ଇନ-ହାଉସ୍ ଲୋକୋମୋଟିଭ୍ ଏବଂ ସ୍ୱତନ୍ତ୍ର ରେକ୍ଗୁଡିକୁ ଏକ ସମନ୍ୱିତ ସିଷ୍ଟମରେ ସଂଯୁକ୍ତ କରିଥାଏ।

ରେଳ ବ୍ୟତୀତ, ବେଦାନ୍ତ ଆଲୁମିନିୟମର ଲଜିଷ୍ଟିକ୍ ଶକ୍ତି ସାମୁଦ୍ରିକ ବାଣିଜ୍ୟରେ ବିସ୍ତାରିତ। ଓଡିଶାର ପାରାଦୀପ ବନ୍ଦରରେ, କମ୍ପାନୀ ଏକ ଅତ୍ୟନ୍ତ ଦକ୍ଷ ରପ୍ତାନି ଚ୍ୟାନେଲ ପରିଚାଳନା କରେ ଯାହା ଏହାକୁ ୬୦ ରୁ ଅଧିକ ଦେଶରେ ଗ୍ରାହକମାନଙ୍କୁ ସେବା ଯୋଗାଇବାକୁ ସକ୍ଷମ କରିଥାଏ, ବନ୍ଦରରୁ ସର୍ବବୃହତ କଣ୍ଟେନର କାର୍ଗୋ ରପ୍ତାନିକାରୀ ଭାବରେ ଉଭା ହୋଇଥାଏ।

ଏହି କ୍ଷମତାଗୁଡିକ ଏକ ଗଭୀର ସମନ୍ୱିତ ଲଜିଷ୍ଟିକ୍ସ ଇକୋସିଷ୍ଟମକୁ ପ୍ରତିଫଳିତ କରେ ଯାହା ଉତ୍ପାଦନକୁ ରେଳ ଏବଂ ସମୁଦ୍ର ମାଧ୍ୟମରେ ଘରୋଇ ଏବଂ ବିଶ୍ୱ ବଜାର ସହିତ ସଂଯୋଗ କରେ, ଏବଂ ପରିବହନ କରିଡର, ବନ୍ଦର ଭିତ୍ତିଭୂମି ଏବଂ ଆଖପାଖ ଅଞ୍ଚଳରେ ନିଯୁକ୍ତି ସୃଷ୍ଟି, ଲଜିଷ୍ଟିକ୍ସ ସେବା ଏବଂ ଆନୁଷଙ୍ଗିକ ଶିଳ୍ପ କାର୍ଯ୍ୟକଳାପ ମାଧ୍ୟମରେ ଓଡିଶାର ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖେ।

ଏହି ଅବସରରେ ଶ୍ରୀଯୁକ୍ତ ସି. ଚନ୍ଦ୍ରୁ, ସିଇଓ - ବେଦାନ୍ତ ଆଲୁମିନିୟମ, ଝାରସୁଗୁଡା କହିଛନ୍ତି, "ବେଦାନ୍ତ ଆଲୁମିନିୟମରେ, ଆମେ ପରିମାଣରେ ସାମଗ୍ରୀର ଦକ୍ଷ, ନିର୍ଭରଯୋଗ୍ୟ ଏବଂ ସ୍ଥାୟୀ ପରିବହନକୁ ସମର୍ଥନ କରିବା ପାଇଁ ଆମର ଲଜିଷ୍ଟିକ୍ସ ଏବଂ ଭିତ୍ତିଭୂମି କ୍ଷମତାକୁ ନିରନ୍ତର ସୁଦୃଢ଼ କରୁଛୁ। ଆମର ସମନ୍ୱିତ, ରେଳ-ନେତୃତ୍ୱାଧୀନ ଲଜିଷ୍ଟିକ୍ସ ନେଟୱାର୍କ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି, ପରିବର୍ତ୍ତନ ସମୟକୁ ଉନ୍ନତ କରିବା ।

Printed, Published, edited and owned by Ipsita Pati, published from Plot No-214/A, Sahid Nagar, Bhubaneswar, PIN- 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, PIN- 751014, Khurda, Odisha. email: pratishabda7@gmail.com
Editor- Ipsita Pati
ସମ୍ପାଦିକା: ଇପ୍‌ସିତା ପତି